## ମା' ଚଣ୍ଡୀ ମନ୍ଦିରରେ ନବରାତ୍ରି ପୂଜା ପାଳିତ



ବଡ଼ଚଣା,୨୨।୩(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାରୁଣାବନ୍ତ ପର୍ବତର ମଧ୍ୟସ୍ଥଳରେ ଅବସ୍ଥିତ ମା'ଚଣ୍ଡୀଙ୍କ ମନ୍ଦିର ପରିସରରେ ରାମନବମୀ ପାଳନ କରାଯାଏ । ଏହି ଅବସରରେ ଗତ ୧୯ରୁ ୨୭ତାରିଖ ପର୍ଯ୍ୟନ୍ତ ନବରାତ୍ରୀ ପୂଜା ଉତ୍ସବ ୯ଦିନ ଧରି ଅନୁଷ୍ଠିତ ହେବ । ରବିବାର ତୃତୀୟ ଦିବସରେ ପୂଜା ପାଳିତ ହୋଇଛି । ସନ୍ତୋଷ ପାଢ଼ୀ, ଶିବପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ପଣ୍ଡିତମାନେ ଏହି ପୂଜାକାର୍ଯ୍ୟ ତୁଲାଇଥିଲେ । ଟ୍ରଷ୍ଟି ବ୍ରଜକିଶୋର ଜେନା ଦାୟିତ୍ୱ ବହନ କରି ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରିଥିଲେ । ସଭ୍ୟ ଶେଷଦେବ ନାୟକ, ଶିଳ୍ପପତି ଦିଲୀପ ଚୌଧୁରୀ, ସତ୍ୟବାନ ନାୟକ, ଖବରଦାତା ଶିବରାମ ସାହୁ, ନରେନ୍ଦ୍ର ମିଶ୍ର, ଅନନ୍ତ ବେହେରା, ଅକ୍ଷୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରିଥିଲେ ।

# ୨୦୨୬-୨୭ରେ ୯କୋଟି ଋଣ ପ୍ରଦାନ ଲକ୍ଷ୍ୟ

### ପ୍ରଥମାଖଣ୍ଡି ପ୍ରାଥମିକ ସମବାୟ ସମିତିର ସାଧାରଣ ପରିଷଦ ବୈଠକ



ବୈଠକରେ ଯୋଗଦେଇଥିବା ସମବାୟ ସମିତି କର୍ମକର୍ତ୍ତା ।

ରସୁଲପୁର,୨୨।୩(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୨୦୨୬-୨୭ କୃଷି ବର୍ଷରେ ରବି ଓ ଖରିଫ ଋତୁରେ ଚାଷୀ ଏବଂ ଚାଷ କାର୍ଯ୍ୟରେ ନିୟୋଜିତ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୯ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିସହିତ ଚାଷୀଙ୍କୁ କୃଷି ଯନ୍ତ୍ରାଂଶ, ସାର ଓ କୀଟନାଶକ ଆଦି ପ୍ରଦାନ କରିବା, ସମବାୟ ସମିତି ପରିଚାଳନା, ଅଗ୍ରଣୀ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଆଦି କ୍ଷେତ୍ରରେ ୧.୩୫କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସମିତି ଅଧୀନରେ ପଞ୍ଜୀକୃତ ଚାଷୀଙ୍କୁ ନେଇ ଉକ୍ତ ବୈଠକ ସଭାପତି ନରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଭାବରେ ଯାଜପୁର ମଣ୍ଡଳ ସହକାରୀ ସମୀକ୍ଷକ ବିଶ୍ୱକେଶନ ବିଶ୍ୱାଳ, କୃଷକ ନେତା ମୁକୁନ୍ଦଦେବ ମହାନ୍ତି, ପୂର୍ବତନ ସରପଞ୍ଚ ନାରାୟଣ ପତି, ପୂର୍ବତନ ସଭାପତି ଆଦିକନ୍ଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସନାତନ ବାରିକ, ରବୀନ୍ଦ୍ର ଭୋଇ, ପ୍ରମୋଦ ପଣ୍ଡା, ସମିତି ଉପସଭାନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ସମିତି ସମ୍ପାଦକ ପ୍ରଶାନ୍ତ ସାହାଣୀ ୨୦୨୬-୨୭ ବର୍ଷରେ ଖରିଫ ଓ ରବି ପାଇଁ ୪ କୋଟି ଲେଖାଏ ଓ କୃଷିଯନ୍ତ୍ରାଂଶ ଏବଂ ସ୍ୱୟଂସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ପାଇଁ ୧ କୋଟିକୁ ମିଶାଇ ମୋଟ ୯କୋଟି ଟଙ୍କା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ । ଏଥିସହିତ ସେ ୨୦୨୫-୨୬ ଆର୍ଥିକ ବର୍ଷରେ ହୋଇଥିବା ଖର୍ଚ୍ଚର ବିବରଣୀ ଓ ବଳକା ରହିଥିବା ଜମା ସମ୍ପର୍କରେ ତଥ୍ୟ, ଖର୍ଚ୍ଚକୁ ନେଇ ହୋଇଥିବା ଅଡିଟ୍ ରିପୋର୍ଟ ଆଦି ବୈଠକ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଉକ୍ତ ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା । ପରିଚାଳନା କମିଟି ସଦସ୍ୟ ବିଦ୍ୟାଧର ସ୍ୱାଇଁ, ଶରତ ଦାସ, ଗୌରାଙ୍ଗ ନାୟକ, ଗୌରାଙ୍ଗ ଭଦ୍ର, ରାମ ଆରଣ, ସଞ୍ଜୟ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କୃଷି ଓ କୃଷିକାର୍ଯ୍ୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ସମସ୍ୟା ସମାଧାନ ପାଇଁ ସମିତି ପକ୍ଷରୁ କି ପ୍ରକାର ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ବିଚାର କରାଯିବ ବୋଲି କୁହାଯାଇଥିଲା । ସମିତି କର୍ମଚାରୀ ପ୍ରହ୍ଲାଦ ପଲେଇ, ନରେନ୍ଦ୍ରନାଥ ବାହାଲିଆ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ବୈଠକରେ ଶତାଧିକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମିତିର କାର୍ଯ୍ୟକର୍ତ୍ତା ଗଜେନ୍ଦ୍ର ସୁର ଧନ୍ୟବାଦ ଦେଇଥିଲେ ।

## ରାମ ନବମୀରେ ହେବ ବାଇକ୍ ଶୋଭାଯାତ୍ରା




ଖବରଦାତା ସମ୍ମିଳନୀରେ ଉପସ୍ଥିତ ହିନ୍ଦୁ ଏକତା ମଞ୍ଚ କର୍ମକର୍ତ୍ତା

ଯାଜପୁରଟାଉନ,୨୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ରାମନବମୀ ପାଇଁ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶନିବାର ଅପରାହ୍ଣରେ ଯାଜପୁର ସହରର ଶାନ୍ତି ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୭ ତାରିଖ ରାମ ନବମୀ ଦିନ ଅପରାହ୍ଣରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଶୋଭାଯାତ୍ର ସହରର ରାମ ମନ୍ଦିରଠାରୁ ଆରମ୍ଭ ହୋଇ କୁସୁମା, ଯୋଡ଼ିକୁଅ ଛକ, ଗରିଆପୁର ଛକ, ବଡ଼ ବଜାର ଛକ ହୋଇ ଦେବୀଗଡ଼ାରେ ଶେଷ ହେବ । ଏହି ଶୋଭାଯାତ୍ରାରେ ପାଖାପାଖି ୩ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହେବେ । ବର୍ତ୍ତମାନ ଯୁବପିଢ଼ି ନିଶାଗ୍ରସ୍ତ ହୋଇ ବିପଥଗାମୀ ହେଉଥିବାବେଳେ ହିନ୍ଦୁ ସଂସ୍କୃତି ପରମ୍ପରାକୁ ଭୁଲି ଯାଉଛନ୍ତି । ତେଣୁ ଲୋକଙ୍କୁ ରାମଙ୍କ ଆଦର୍ଶରେ ଅନୁପ୍ରାଣିତ କରିବା ଶୋଭାଯାତ୍ରାର ମୂଳଲକ୍ଷ୍ୟ ବୋଲି ହିନ୍ଦୁ ଏକତା ମଞ୍ଚପକ୍ଷରୁ ସୂଚନା ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ ହିନ୍ଦୁ ଏକତା ମଞ୍ଚର ସଭାପତି ଶଙ୍କର୍ଷଣ ବେହେରା, ଉପସଭାପତି ସୁଶୀଲ କୁମାର ମହାନ୍ତି, ଦୁର୍ଗା ଶଙ୍କର ବେହେରା, ମହେଶ ଜେନା, ଅଜୟ କୁମାର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଗାଡ଼ି ଯାଞ୍ଚ: ୧ଲକ୍ଷ ୮୩ ହଜାର ଜରିମାନା ଆଦାୟ

ବଡ଼ଚଣା,୨୨।୩(ଦିଲୀପ କୁମାର ମହାନ୍ତି): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପରିବହନ ବିଭାଗ ପକ୍ଷରୁ ଶନିବାରଠାରୁ ରାଜ୍ୟରେ ସ୍ୱତନ୍ତ୍ର ଭାବେ ଗାଡ଼ିମୋଟର ଯାଞ୍ଚ ଆରମ୍ଭ ହୋଇଛି । ଏହିପରିପ୍ରେକ୍ଷୀରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ୪ଟି ଥାନା ଅଧୀନରେ ରାସ୍ତାରେ ଗାଡ଼ିମୋଟର ଯାଞ୍ଚକୁ କଡ଼ାକଡ଼ି କରାଯିବା ସହିତ ଗାଡ଼ି ମାଲିକ ଓ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ କରି ଗାଡ଼ି ଚଳାଇବାକୁ ସଚେତନ କରାଯାଇଛି । ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟଙ୍କୁ ସାଥିରେ ନେଇ ଚଣ୍ଡିଖୋଲ ଆରଟିଓ ଅଧିକାରୀ ଶିଶିର କୁମାର ସାହୁ ଚଣ୍ଡିଖୋଲ ବଜାର, ବଡ଼ଚଣା ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବା ସହ ଗାଡ଼ି ଯାଞ୍ଚ କରିଛନ୍ତି । ଯେଉଁମାନେ ନିୟମ ମାନି ଗାଡ଼ି ଚାଳନା କରୁଥିଲେ ସେମାନଙ୍କୁ ଆରଟିଓ କର୍ମଚାରୀ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ । ଅମାନିଆ ଗାଡ଼ି ଚାଳକଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇ ସଚେତନ କରାଯାଇଥିଲା । ଗୋଟିଏ ଦିନରେ ଅମାନିଆ ଗାଡ଼ି ଚାଳକ ଓ କାଗଜ ପତ୍ର ନ ଥାଇ ରାସ୍ତାରେ ଚାଲୁଥିବା ପ୍ରାୟ ୬୯ ଗାଡ଼ିଠାରୁ ୧ ଲକ୍ଷ ୮୩ ହଜାର ୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏଥିରେ ୩୧ ବିନା ହେଲମେଟରେ ବାଇକ୍ ଚାଳନା, ୪ ମାଲବୁହା ଗାଡ଼ିରେ ଯାତ୍ରୀ ପରିବହନ, ଇନସୁରାନ୍ସ ନ ଥିବା ୧୫ ଗାଡ଼ି, ବିପଦପୂର୍ଣ୍ଣ ଓ ଦ୍ରୁତବେଗରେ ଚଲୁଥିବା ୧୫ ଗାଡ଼ି, ବିନା ସିଟବେଲ୍ଟ ଓ ବିନା ଫିଟନେସରେ ଚାଲୁଥିବା ୪ ଗାଡ଼ିଠାରୁ ଏହି ଜରିମାନା ଆଦାୟ କରାଯାଇଥିଲା । ଏହି ସଚେତନତା ଓ ଗାଡ଼ି ଯାଞ୍ଚ କାର୍ଯ୍ୟକ୍ରମରେ ଟିଆଇ ଯୁଗଳକିଶୋର ତିରିଆ, ଜୁନିୟର ଏମଭିଆଇ ଅବିନାଶ ସ୍ୱାଇଁ, ସ୍ୱାତୀ ସ୍ୱାଗତିକା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହାଣୀ, ବଡ଼ଚଣା ଥାନା ଅଧିକାରୀ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।



ବିନା ହେଲ୍‌ମେଟରେ ଯାଉଥିବା ଜଣେ ଚାଳକଙ୍କୁ ପୋଲିସ ଅଟକାଇଛି ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ହାତ ବାହାରିଗଲା

ବ୍ୟାସନଗର,୨୨।୩(ପବିତ୍ର ରଞ୍ଜନ ମହାନ୍ତି): କୋରେଇ ଥାନା ପଛିକୋଟ ପଞ୍ଚାୟତ ଖମିଗାଁ-ପଛିକୋଟ ରାସ୍ତାରେ ରବିବାର ସକାଳ ୭ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ବାଇକ ଆରୋହୀଙ୍କ କାନ୍ଧରୁ ଡାହାଣ ହାତ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି । ସହଯାତ୍ରୀ ମଧ୍ୟ ଗୁରୁତର ହୋଇଛନ୍ତି । ଉଭୟଙ୍କ ଘର ଏହି ଥାନା କନ୍ତୋର ପଞ୍ଚାୟତ ପୂର୍ବକୋଟ ତେଲେଙ୍ଗା ବସ୍ତିରେ ବୋଲି ଜଣାପଡ଼ିଛି । ସେମାନେ ହେଲେ ବାଇକ୍ ଆରୋହୀ କାୱାଡି ଆକାଶ (୧୯) ଓ ସହଯାତ୍ରୀ ଜଗନ୍ନାଥ ଦାସ(୩୫) । ବନ ବିଭାଗ ପକ୍ଷରୁ ଗଛ ସୁରକ୍ଷା ପାଇଁ ରାସ୍ତା କଡ଼ରେ ପୋତା ଯାଇଥିବା ସିମେଣ୍ଟ ଖୁଣ୍ଟରେ ବାଇକ୍ ବାଜିବାରୁ ତାହା ଭାଙ୍ଗିଯାଇଥିଲା । ଶକ୍ତ ଧକ୍କା ଲାଗି କାୱାଡିଙ୍କ କାନ୍ଧରୁ ହାତ ଅଲଗା ହୋଇଯାଇଥିଲା । ସହଯାତ୍ରୀ ଜଗନ୍ନାଥଙ୍କ ଗୋଡ଼ ଭାଙ୍ଗିବା ସହ ତାଙ୍କ ଶରୀରର ଅନ୍ୟ ସ୍ଥାନରେ ମଧ୍ୟ ଆଘାତ ଲାଗିଥିଲା । ଯାଜପୁରରୋଡ ଅଗ୍ନିଶମ ବିଭାଗ କର୍ମଚାର ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାଇକକୁଜବତକରିତଦନ୍ତଚଳାଇଛି ।

## ସାମ୍ୟବାଦୀ ନେତାଙ୍କ ସ୍ମୃତିଚାରଣ ସଭା




ସ୍ମୃତି ସଭାରେ ଯୋଗଦେଇଥିବା ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ରସୁଲପୁର,୨୨।୩(ରଞ୍ଜିତ ରାଉତ): ଯାଜପୁର ଜିଲାରେ ସାମ୍ୟବାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା କମ୍ୟୁନିଷ୍ଟ ନେତା ରଘୁନାଥ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ସଭାରେ ସାମ୍ୟବାଦ ଆନ୍ଦୋଳନର ପ୍ରମୁଖ ସହଯୋଗୀ ସଦାଶିବ ଦାସ ଅଧ୍ୟକ୍ଷତା କରିଥିଲେ । ଉକ୍ତ ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବିପ୍ଳବୀମାନେ ଯୋଗଦେଇ ରଘୁନାଥ ଅବହେଳିତ, ଶୋଷିତ ଶ୍ରମିକ, ଚାଷୀଙ୍କ ସକାଶେ କରିଥିବା କ୍ରାନ୍ତିକାରୀ ଆନ୍ଦୋଳନ ସମ୍ପର୍କରେ ପ୍ରକାଶ କରିଥିଲେ । ସଭାରେ ପଟାମୁଣ୍ଡାଇର ପୂର୍ବତନ ବିଧାୟକ ବିପ୍ଳବୀ ରାଧାକାନ୍ତ ସେଠୀ, ବିପ୍ଳବୀ ଯୁଧିଷ୍ଠିର ମହାପାତ୍ର, ସାମ୍ୟବାଦୀ ନେତା ପୀତାମ୍ବର ଲେଙ୍କା, ଅଜିତ ନାୟକ, ଶୈଳେନ୍ଦୁ ମହାନ୍ତି, ଯାଜପୁର ଜିଲା ସିଆଇଟିୟୁ ସଭାପତି ପ୍ରଫୁଲ୍ଲ ନାୟକ, ଆଇନଜୀବୀ ବ୍ରଜକିଶୋର ପତି, ପରମାନନ୍ଦ ସେଠୀ, ସାମାଜିକକର୍ମୀ ସୁରେନ୍ଦ୍ର ରାଉତ, ଖବରଦାତା ରଞ୍ଜିତ ରାଉତ, ବିଶ୍ୱନାଥ ଦାସଙ୍କ ସମେତ ବହୁ ରଘୁନାଥ ପ୍ରେମୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବିପ୍ଳବୀ ଯୁଧିଷ୍ଠିର ମହାପାତ୍ର ଓ ଅନ୍ୟ ଅତିଥିମାନେ 'ଶୋଷିତ ଜନତାଙ୍କ ସାଥୀ' ଶୀର୍ଷକ ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ରାଜକିଶୋର ଦାସ, ଦୁର୍ଗାମାଧବ ଦାସ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରଘୁନାଥଙ୍କ ପୁତ୍ର ଗୌରବ ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ ।

## ବାଲାଜୀ ପାଠାଗାରର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ପାଠାଗାରର ମୁଖପତ୍ର ଉନ୍ମୋଚନ କରୁଛନ୍ତି ।

ସିଂହପୁର,୨୨।୩ (ଅନଙ୍ଗ ଉଦୟ ବେଉରିଆ): ବରୀ ବ୍ଲକ ଅଧୀନ ଅଙ୍ଗାଲୋ ବାଲାଜୀ ପାଠାଗାରର ୫୧ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ସଭାପତି ଅମ୍ବିକା ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତାଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବରେଣ୍ୟ ବକ୍ତାଭାବେ ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା ଓ ସମ୍ବାଦ ପାଠିକା ପୂଜାରାଣୀ ମୁଦୁଲି ପ୍ରମୁଖ ଯୋଗଦେଇ ପାଠାଗାରର ମର୍ଯ୍ୟଦା ବଜାୟ ରଖିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ବିଭୁତି ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମଣ୍ଟୁ ବଳବନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୨୪ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ତୋଷ ରାଉତ, ଉପେନ୍ଦ୍ର ସାମଲ, ସାଧୁ ଚରଣ ସାମଲ, ଦିଗାମ୍ବର ପରିଡ଼ା, ରତ୍ନାକର ସାହୁ, ଅଜାମ୍ବର ରାଉତ ଓ ଅଜୟ ମଲିକ ପ୍ରମୁଖ ସହଯୋଗ କରିଥିଲେ । ପାଠାଗାରର ମୁଖପତ୍ର 'ଲେଖା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଭା ପୂର୍ବରୁ ପ୍ରଥମ ଅଧିବେଶନରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ସାଇକୃଷ୍ଣ ସାମଲଙ୍କ ସୌଜନ୍ୟରୁ କବିମାନଙ୍କୁ ସତ୍ୟେନ୍ଦ୍ରନାଥ ସାମଲ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା । କବି ଜିତେନ୍ଦ୍ର ବେହେରା, ସନ୍ତୋଷ ବେହୁରିଆ, ସ୍ନେହଲତା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାଧୁଚରଣ ସାମଲ ଧନ୍ୟବାଦ ଦେଇଥିଲେ ।

## ମହିଳାଙ୍କ ସୁନାଚେନ ଝାମ୍ପିନେଲେ ୨ ଦୁର୍ବୃତ୍ତ

ବ୍ୟାସନଗର,୨୨।୩ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହର ଚୋରଦା ବାଇପାସ ବ୍ରାହ୍ମଣୀ ହୋଟେଲ ସମ୍ମୁଖରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ୨ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ରବିବାର ଅପରାହ୍ଣ ୪ ଘଟିକାରେ ସମ୍ପୃକ୍ତ ମହିଳା ରାସ୍ତାରେ ଚାଲିକି ଯାଉଥିବା ସମୟରେ ତାଙ୍କୁ ଦୁର୍ବୃତ୍ତ ପିଛା କରିଥିଲେ । ସେମାନେ ବାଇକ୍‌ରେ ଆସି ଚେନ ଛଡ଼ାଇବା ସମୟରେ ମହିଳା ଜଣକ ଭୟଭୀତ ହୋଇ ଜୋରରେ ପାଟି କରିଥିଲେ । ଏହାପରେ ସ୍ଥାନୀୟ କେତେଜଣ ଲୋକ ପହଞ୍ଚି ମହିଳାଙ୍କୁ ସାନ୍ତ୍ୱନା ଦେଇଥିଲେ । ନିକଟରେ ଲାଗିଥିବା ସିସିଟିଭି ଫୁଟେଜରେ ଚୋରି ବେଳର ଦୃଶ୍ୟ କଏଦ ହୋଇଥିବା ସୂଚନା ମିଳିଛି । ଖବର ଲେଖାହେବାବେଳକୁ ଏନେଇଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି ।

## ରକ୍ତ ଦାନ ସଚେତନତା କାର୍ଯ୍ୟକ୍ରମ

ବ୍ୟାସନଗର,୨୨।୩ (ପବିତ୍ର ରଞ୍ଜନ ମହାନ୍ତି): କୋରେଇ ନିର୍ବାଚନମଣ୍ଡଳୀ କରଦା ପଞ୍ଚାୟତ ରାଣୀଗଡ଼ା ଖେଳ ପଡ଼ିଆଠାରେ ରକ୍ତଦାତା ଜୀବନ ଦାତା ପରିବାର ପକ୍ଷରୁ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ରାଜେଶ କୁମାର ରାଉତ ରକ୍ତଦାନର ଗୁରୁତ୍ୱ ଏବଂ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିବା ସହିତ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସେ ରକ୍ତଦାନ ସମ୍ପର୍କରେ ଥିବା ଭୟ ଓ ଭ୍ରମ ଦୂର କରିବା ସହିତ କିପରି ଅଧିକରୁ ଅଧିକ ଲୋକଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନ କରାଯିବ ସେ ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ସଦସ୍ୟ ପ୍ରକାଶ ଜେନା, ମନୋଜ ଦାସ, ପ୍ରକାଶ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାନ ସମ୍ପର୍କରେ ସୋସିଆଲ ମିଡିଆ ମାଧ୍ୟମରେ ବ୍ୟାପକ ସଚେତନତା ବୃଦ୍ଧି କରିବା ପାଇଁ ଆଲୋଚନା କରିଥିଲେ । କରଦା ପଞ୍ଚାୟତର ନୃସିଂହ ପଲେଇ, ଦିବାକର ପଲେଇ, ନିତ୍ୟାନନ୍ଦ ବାରିକ, ସୂର୍ଯ୍ୟକାନ୍ତ ଓଝା, କାଳନ୍ଦୀ ମହାରଣା, ରିତେଶ ପଲେଇ, ରତ୍ନାକର ମଲିକ, ନରେନ୍ଦ୍ର ମଲିକ, ରାଜକିଶୋର ମହାରଣା, ରମେଶ ଚନ୍ଦ୍ର ମଲିକ, ଦେବାଶିଷ ବାରିକ, ଦୁଃଶାସନ ମହାରଣା, ବିଶ୍ୱରଞ୍ଜନ ପଲେଇ ଓ ହୃଷୀକେଶ ମହାରଣା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ରକ୍ତଦାତା ଜୀବନଦାତା ପରିବାରର ସଦସ୍ୟମାନେ ।

## ସଡ଼କ ସୁରକ୍ଷା ସଚେତନତା ଉପଲକ୍ଷେ ପଥପ୍ରାନ୍ତ ସଭା

ବଡ଼ଚଣା,୨୨।୩ (ଦିଲୀପ କୁମାର ମହାନ୍ତି): ସାଧାରଣ ଲୋକଙ୍କ ଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାର ସଡ଼କ ସୁରକ୍ଷା ସଚେତନତା ଅଭିଯାନ ୨୧ରୁ ୩୧ତାରିଖ ପର୍ଯ୍ୟନ୍ତ ଆୟୋଜନ କରିଛନ୍ତି । ଏହିକ୍ରମରେ ରବିବାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଶିଶିର ସାହୁଙ୍କ ପ୍ରଚେଷ୍ଟାରେ ଚଣ୍ଡିଖୋଲ ଛକ ବୁଦ୍ଧ ମୂର୍ତ୍ତି ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକଙ୍କ ଆହ୍ୱାନରେ ଶତାଧିକ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦିନକୁ ଦିନ ରାସ୍ତାରେ ଦୁର୍ଘଟଣା ବଢ଼ିଚାଲିଛି । ଜୀବନର ସୁରକ୍ଷା ପାଇଁ ସରକାରୀ ନିୟମ ମାନିବା ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ବର୍ଷ ସଚେତନତା ଅଭିଯାନ ହେଉଛି । ନିୟମକୁ କେହି ଚାଳକ ଉଲ୍ଲଘଂନ କରିବା କଥାନୁହେଁ । ବାଇକ ଚାଳକ ହେଲମେଟ ପିନ୍ଧି ଗାଡି ଚଳାଇବା ଦରକାର । ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର ବନ୍ଦ କରିବା ଆବଶ୍ୟକ । ନିଶା ପରିତ୍ୟାଗ କରି ଗାଡ଼ି ଚଳାଇବା ଦରକାର । ଦ୍ରୁତ ଗତିରେ ଗାଡ଼ି ଚଳାଇବା ବିପଦଜନକ । ସମସ୍ତେ ଏହି ନିୟମକୁ ମାନିବାକୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ସଚେତନତା ଅଭିଯାନରେ ଟ୍ରାଫିକ ଇନ୍‌ସପେକ୍ଟର ଯୁଗଳ କିଶୋର ତିରିଆ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଲକ୍ଷ୍ମୀଧର ସାହାଣୀ, ବିଜୟ ଜେନା, ଉତ୍ତମ ରଣା, ରଞ୍ଜନ ଜେନା, ଖବରଦାତା ଶିବରାମ ସାହୁ, ସାରଦା ପ୍ରସାଦ ମହାନ୍ତି, ଜଗବନ୍ଧୁ ସାହୁ, ଶାନ୍ତନୁ ନାୟକ, ସହଦେବ ରଣାଙ୍କ ସମେତ ଅନେକ ଯୁବକ ଓ ଛାତ୍ର ଯୋଗ ଦେଇଥିଲେ । ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଓ ଚାରା ବଣ୍ଟନ କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ସାହୁ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଥିଲେ ।



ପଥପ୍ରାନ୍ତ ସଭାରେ ସାମିଲ ହୋଇଥିବା ପରିବହନ ଅଧିକାରୀ ଓ ଅନ୍ୟମାନେ ।

# ଜଳ ଅପଚୟ ନ କରି, ସଂରକ୍ଷଣ କର

ଡେରାବିଶ, ୨୨।୩ (ବେବର୍ତ୍ତା ଅଜୟ ଦାସ)


ଜଳ ଅର୍ପଣ ଦିବସରେ ବିଧାୟକ ଅରବିନ୍ଦ ମହାପାତ୍ର ଓ ଅନ୍ୟମାନେ।

## ଡେରାବିଶର ଭଣଗାଁରେ ରାଜ୍ୟସ୍ତରୀୟ ଜଳ ଅର୍ପଣ ଦିବସ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁଠାରେ ରବିବାର ରାଜ୍ୟସ୍ତରୀୟ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ମହାପାତ୍ର କହିଥିଲେ ସାମ୍ପ୍ରତିକ ପରିସ୍ଥିତିରେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବା ବେଳେ ଜଳକୁ ଅପଚୟ ନ କରି ଏହାକୁ ସଂରକ୍ଷିତ କରିବା ପାଇଁ ସମସ୍ତଙ୍କ ଭିତରେ ଏକ ସଂକଳ୍ପ ନେବା ଦରକାର। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜଳ ଶକ୍ତି ବିଭାଗ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଞ୍ଜନ ତିୱାରୀ ଯୋଗଦେଇ ଘର ଘର ମେ ବିଶୁଦ୍ଧ ପାନୀୟ ଜଳ କିପରି ପହଞ୍ଚା ଯାଇପାରିବ ସେ ଦିଗରେ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଥିବାବେଳେ କେନ୍ଦ୍ରାପଡ଼ାରେ ଏଭଳି ଏକ କାର୍ଯ୍ୟକ୍ରମ ହେଉଥିବା ନେଇ ସେ ଖୁସିବ୍ୟକ୍ତ କରିଥିଲେ। ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ, ମୁଖ୍ୟଯନ୍ତ୍ରୀ କିଶୋର କୁମାର କବି, ସହକାରୀ ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ଦାସ ଯୋଗଦେଇଥିବାବେଳେ ଜିଲାପାଳ ରଘୁରାମ ଆର. ଆୟାର ଯୋଗଦେଇ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିବା ସହ ଜଳର ଶକ୍ତି ଅଭିଯାନକୁ ସମ୍ପୂର୍ଣ୍ଣ ସହଯୋଗ କରିବା ଉପରେ ଆଲୋକପାତ କରିଥିଲେ। ଏଥିରେ ଜିଲା ପରିଷଦ ସଭାପତି ଲିଳିତା ଦାସ ଯୋଗଦେଇ ପ୍ରତ୍ୟେକ ଗାଁରେ ଓଭରହେଡ ଟାଙ୍କିରୁ କିପରି ସବୁ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ସି.ଆର. ପାଟିଲ ଓ ଜଳଶକ୍ତି ମନ୍ତ୍ରଣାଳୟର ସଚିବ ଅଶୋକ କୁମାର ମିନା ଭିଡିଓ କନ୍‌ଫରେନ୍ସ ଯୋଗେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଜିଲାପାଳ, ସରପଞ୍ଚ, ସମିତିସଭ୍ୟ ଓ ଛାତ୍ରୀଛାତ୍ରଙ୍କୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଚାନ୍ଦୋଳ ପଞ୍ଚାୟତରେ ୬ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ସମସ୍ତ ଜଳପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ସମସ୍ତ ଦସ୍ତାବିଜ ସହ ସରପଞ୍ଚ ମଲିକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଜଳ ପ୍ରକଳ୍ପ ଦ୍ୱାରା ୧୨୫୬ ପରିବାରର ୫୫୦୦ ବ୍ୟକ୍ତିଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବା ସହ ସରକାରୀ ଧାର୍ଯ୍ୟ ଅନୁଯାୟୀ ମାସିକ ଶୁଳ୍କ ପଞ୍ଚାୟତ ଆଦାୟ କରିବ। ଏହି ଅବସରରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଳଶକ୍ତି ଉପରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡେରାବିଶ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ଦାସ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ତପନ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳ ସଂରକ୍ଷଣ ଉପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା।

# ଆଳିରେ ବିଶ୍ୱ ଜଳ ଦିବସ



ଆଳି, ୨୨।୩ (ବନମାଳୀ ସେନାପତି)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଳି ସେବାକେନ୍ଦ୍ର ଆନୁକୂଲ୍ୟରେ ଆଦ୍ୟାଶକ୍ତି ଭବନଠାରେ ରବିବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମା କୁମାରୀ ସଂଯୁକ୍ତା ପାଣି ଅଛି ତ ପ୍ରାଣ ଅଛି ବିଷୟ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଆଳି ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ରହ୍ମା କୁମାରୀ ଶୁଭସ୍ମିତା ଜଳ ସଂରକ୍ଷଣ କରିବା ପାଇଁ ଶପଥ ପାଠ କରାଇଥିଲେ। ବ୍ରହ୍ମା କୁମାରୀ ଅଚିସ୍ମିତା ଉପସ୍ଥିତ ସଭାକୁ ଧନ୍ୟବାଦ୍ ଦେଇଥିଲେ। ବ୍ରହ୍ମା କୁମାରୀ ସ୍ୱର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଭଉଣୀଭାଇ ଅଂଶ ଗ୍ରହଣ କରି ଲାଭାନ୍ୱିତ ହୋଇଥିଲେ। ବ୍ରହ୍ମା କୁମାରୀ ପ୍ରଗତିକା, ବନ୍ଦନା, ସୁନୀଲ ମିଶ୍ର, ଲକ୍ଷ୍ମଣ ସାମଲ, ସୁଶୀଲ, ଦର୍ପନାରାୟଣ ମହାନ୍ତି, ସଙ୍ଗୀତା ପରିଡ଼ା, ରେଣୁବାଳା, ଲଳିତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୀହାର ରଞ୍ଜନ ଦତ୍ତ-ଅଜିତ ସାହୁ ଯୋଡ଼ି ଚାମ୍ପିୟନ

## ୯ମ ରାଜ୍ୟସ୍ତରୀୟ ରାଜକିଶୋର ବାରିକ ସ୍ମାରକୀ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ଜଗତ୍‌ସିଂହପୁର, ୨୨।୩ (ପ୍ରମୋଦ କୁମାର ନାୟକ)

ମା’ ଶାନ୍ତି ଭଉଣୀ ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ୯ମ ବାର୍ଷିକ ରାଜକିଶୋର ବାରିକ ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଣ୍ଟାବଲ୍ଲଭପୁରସ୍ଥିତ ହନୁମାନ ମନ୍ଦିର ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଲ ଅଫିସର ଅରୁଣ କୁମାର ଦାଶ, କଣ୍ଟାବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ ଓ ପୂର୍ବତନ ପାରିଷଦ ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସୁସ୍ଥ ଓ ନୀରୋଗ ଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୬ଟି ଦଳ ଭାଗ ନେଇଥିବାବେଳେ ପ୍ରଥମ ମ୍ୟାଚ ସାଲେପୁରର ଅପତାବ-ସ୍ମୃତି ଯୋଡ଼ିକୁ କେନ୍ଦ୍ରାପଡାର ଅନିଲ-ଭିକି ଯୋଡ଼ି ଭେଟିଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଅପତା-ସ୍ମୃତି ବିଜୟୀ ହୋଇଥିଲେ। ଶେଷରେ ଖୋର୍ଦ୍ଧାର ନୀହାର ରଞ୍ଜନ ଦତ୍ତ-ଅଜିତ ସାହୁ ଯୋଡି ଓ ସାଲେପୁରର ସମୀର ନାୟକ-ଉଇଲିୟମ ଦାଶ ଯୋଡି ଫାଇନାଲରେ ପ୍ରବେଶ କରିଥିଲେ। ନୀହାର ରଞ୍ଜନ ଦତ୍ତ-ଅଜିତ ସାହୁ ଜିତି ଚାମ୍ପିୟନ ହେବାର ଗୌରବ ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ରୁଦ୍ର ବାରିକ, ସୌମେନ୍ଦ୍ର ପ୍ରିୟଦର୍ଶୀ, ରାକେଶ ପାତ୍ର, ପୀତବାସ ବାହାଲିଆ ଓ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ବିଧାୟକଙ୍କୁ ଭେଟିଲେ ଡିଏଚ୍‌ଏଚ୍ ଆଉଟସୋର୍ସିଂ କର୍ମଚାରୀ


ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଆଉଟସୋର୍ସିଂ କର୍ମଚାରୀ ଦାବିପତ୍ର ଦେଉଛନ୍ତି।

## ଚାକିରିର ସ୍ଥାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପ୍ରସଙ୍ଗ

ଜଗତ୍‌ସିଂହପୁର, ୨୨।୩ (ପ୍ରମୋଦ କୁମାର ନାୟକ)

ଆଉଟସୋର୍ସିଂ ଉଚ୍ଛେଦ ଓ ଚାକିରିର ସ୍ଥାୟିତ୍ୱ ନେଇ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଡାକରାରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୧୦ଦିନ ଧରି ଧାରଣା ଦିଆଯାଇଥିଲା। ମହାସଂଘ ଏହି ଦାବି ପୂରଣ କରିବା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି କିପରି ଯଥାଶୀଘ୍ର କାର୍ଯ୍ୟକାରୀ ହେବ ସେନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଭେଟିଛନ୍ତି। ଆଉଟସୋର୍ସିଂ କର୍ମଚାରୀମାନଙ୍କ ଯୁକ୍ତି ହୃଦୟଙ୍ଗମ କରି ବିଧାୟକ ଦାସ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସହ କିପରି ଯଥାଶୀଘ୍ର ଦାବି ପୂରଣ ହୋଇପାରିବ ସେନେଇ ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

# ବାଲ୍ୟ ବିବାହ କୁପ୍ରଥା ରୋକାଯାଉ

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା

ରାଜନଗର, ୨୨।୩ (ଭାସ୍କର ରାଉତରାୟ)



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଦ୍ୱାରା ବାଲ୍ୟ ବିବାହ ରୋକିବା ପାଇଁ ବ୍ୟାପକ ସଚେତନତା ଓ ଆଇନଗତ ପଦକ୍ଷେପ ନିଆଯାଉଛି। ଏହି ସମିତି ସ୍ୱାସ୍ଥ୍ୟ, ଶିକ୍ଷା ଓ ମହିଳା ଅଧିକାର ଉପରେ ଆଇନ ସଚେତନତା ଶିବିର ଆୟୋଜନ କରି ବାଲ୍ୟ ବିବାହର କୁପରିଣାମ ବିଷୟରେ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରିଆସୁଛି। ରବିବାର ବିଶ୍ୱ ଜଳ ଦିବସ ଅବସରରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ରାଜନଗର ବ୍ଲକ୍ ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାଜଜ୍ ବିଦ୍ୟାଧର ପୃଷ୍ଟି ଯୋଗଦେଇ ସାରା ଭାରତକୁ ବାଲ୍ୟ ବିବାହ ମୁକ୍ତ କରିବା ଲାଗି ଆହ୍ୱାନ ଦେଇ କହିଥିଲେ ଯେ ଭାରତରେ ବାଲ୍ୟ ବିବାହର କୁପ୍ରଥା ଅନେକ ସମୟରୁ ଚାଲି ଆସୁଛି। ଏହା ବହୁ ଲକ୍ଷ ଶିଶୁଙ୍କ ଅଧିକାରକୁ ଉଲ୍ଲଂଘନ କରିବା ସହ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ବିଗତ କିଛି ବର୍ଷ ଧରି ଦେଶରେ ବାଲ୍ୟ ବିବାହ ଘଟଣା ହ୍ରାସ ପାଉଥିବାବେଳେ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଗୁରୁତ୍ୱ ସୁପ୍ରିମକୋର୍ଟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଦେଶରେ ବାଲ୍ୟ ବିବାହକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟରେ ବିଭିନ୍ନ ରାଜ୍ୟରେ ବାଲ୍ୟ ବିବାହର ରିପୋର୍ଟିଂ ଏବଂ ଏହାର ମୁକାବିଲାରେ ବ୍ୟାପକ ଅସମାନତା ଦର୍ଶାଯାଇଛି ବୋଲି ପ୍ରକାଶ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସରକାରୀ ଓକିଲ ଧୀରେନ୍ଦ୍ରନାଥ ସାହୁ, ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନ୍ ସହସମ୍ପାଦକ ଆଇନଜୀବୀ ମନୋଜ ନାୟକ, ଆଇନଜୀବୀ ନୟନାନନ୍ଦ ବେହୁରା, ସାମାଜିକ କର୍ମୀ ଶ୍ରୀକାନ୍ତ ପରିଡା, ସରପଞ୍ଚଙ୍କ ପ୍ରତିନିଧି ଭବାନୀ ପାତ୍ର ଓ ସମିତିସଭ୍ୟ ରଞ୍ଜନ ମଣ୍ଡଳ ଉପସ୍ଥିତ ରହି ବାଲ୍ୟ ବିବାହ ରୂପକ ବେଆଇନ୍ ବିବାହକୁ ବନ୍ଦ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି କର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ମା’ ଭାଇମାନେ ଯୋଗଦେଇଥିଲେ। ଶିବିରକୁ ଲିଗାଲଏଡ ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ଫ୍ରଣ୍ଟ ଅଫିସ୍ ରିଟେନର୍ ଆଇନଜୀବୀ ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର



ମାର୍ଶାଘାଇ, ୨୨।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ ଏବଂ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୯୫ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଗୋଜବାୟାଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରମୋଦ ଦାସ, ଅଶୋକ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ତୃପ୍ତି ଦାସ, ପୂର୍ବତନ ମାର୍ଶାଘାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ନେହଲତା ବେହେରା, ସସ୍ମିତା ସାହୁ, ନିବେଦିତା ପରିଡା ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ସ୍ମୃତିକୁ ସାଉଁଟି ଥିଲେ। ମାର୍ଶାଘାଇ ବଣିକ ସଂଘ ସମ୍ପାଦକ ପ୍ରଶାନ୍ତ ବେହେରା, ଗାଲେଖ ଚନ୍ଦ୍ର ସାହୁ, ଗୌତମ ବେହେରା, ମିନତି ମଲିକ, ସ୍ୱର୍ଣ୍ଣପ୍ରଭା ଦାସ, କଳ୍ପିତା ଦାସ, ରତ୍ନ ମଞ୍ଜରୀ ବେହେରା, ସୁବାସିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ରମାକାନ୍ତ ଭୋଇଙ୍କ କୁଶପୁତ୍ତଳିକା ଦାହ କଲେ ବିଜେଡି କର୍ମୀ

ତିର୍ତ୍ତୋଲ, ୨୨।୩ (ଗୌରାଙ୍ଗ ଚରଣ ସାଇଁ)



ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ରାଜ୍ୟ ସଭା ଭୋଟରେ କ୍ରସ୍ ଭୋଟିଂ କରି ବିଜେଡିରୁ ନିଲମ୍ବନ ହୋଇଛନ୍ତି। ତିର୍ତ୍ତୋଲ ବ୍ଲକ ବିଜେଡିର ନେତୃବୃନ୍ଦ ଏହି ନିଲମ୍ବନକୁ ସ୍ୱାଗତ କରିବା ସହ ରବିବାର ସନ୍ଧ୍ୟାରେ ତିର୍ତ୍ତୋଲରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ବିଧାୟକ ଭୋଇଙ୍କ ଦଳ ବିରୋଧୀ କାର୍ଯ୍ୟକୁ ନିନ୍ଦା କରିଥିଲେ। ଏହାପରେ ବିଧାୟକ ଭୋଇଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟଠାରୁ ବିଜେଡି କର୍ମୀମାନେ ଏକ ଶୋଭାଯାତ୍ରାରେ ପ୍ଲା କାର୍ଡ ଧରି କଟକ-ପାରାଦୀପ ରାସ୍ତାର ସାରଳା ରୋଡରେ ପହଞ୍ଚି କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ରାଜ୍ୟ ବିଜେଡିର ମହିଳା ନେତ୍ରୀ ଲୋରା ମହାପାତ୍ର, ଜିଲା ଉପସଭାପତି ଅଶ୍ୱିନୀ ଦାସ, ବ୍ଲକ ଅଧ୍ୟକ୍ଷ ବେହେରା, ଜିଲା ପରିଷଦ ସଭ୍ୟ ସୁନୀଲ ବେହେରା, ଗଙ୍ଗାଧର ବିଶ୍ୱାଳ, ରଞ୍ଜିତା ସିଂହ, ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଅପରପକ୍ଷେ ବ୍ଲକ ବିଜେଡିର ବହୁ ପୁରୁଖା ବିଜେଡି କର୍ମୀ ଏଥିରେ ସାମିଲ ହୋଇ ନ ଥିବା ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ଶିବିରରେ ୫୪୫ ରୋଗୀଙ୍କୁ ଚିକିତ୍ସା

ଡେରାବିଶ, ୨୨।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବେଲରପା ଗ୍ରାମସ୍ଥିତ ଜାଗୁଳାଇ ବିଦ୍ୟା ନିକେତନ ପରିସରରେ ରବିବାର ବୃହତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଅଞ୍ଚଳର ୫୪୫ ରୋଗୀ ନାମ ପଞ୍ଜୀକରଣ କରି ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଡାକ୍ତରଙ୍କ ନିକଟରୁ ଚିକିତ୍ସା ସେବା ପାଇଥିଲେ। ଏଥିସହ ଆୟୋଜକ ସଂସ୍ଥା ପକ୍ଷରୁ ଶିବିରରେ ଡାକ୍ତରୀ ସେବା ପାଇଥିବା ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ହସ୍ପିଟାଲ ଡାଇରେକ୍ଟର ତଥା ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ରଞ୍ଜନ କୁମାର ମହାପାତ୍ର, ମେଡିସିନ ବିଶେଷଜ୍ଞ ଡା. ସ୍ମୃତି ରଞ୍ଜନ ନାୟକ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଆର. ସ୍ୱପ୍ନେଶ୍ୱର ଦୋରା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଶୁଭଶ୍ରୀ ସେଠୀ, ସ୍ନାୟୁ ରୋଗ ବିଶେଷଜ୍ଞ ଡା. ମନିକା ଏବଂ ଶିଶୁ ରୋଗ ବିଶେଷଜ୍ଞ ଡା. ଦେବଦତ ଦାସ ପ୍ରମୁଖଙ୍କ ସମେତ ସହଯୋଗୀ କର୍ମଚାରୀମାନେ ଉପସ୍ଥିତ ରହି ରୋଗୀମାନଙ୍କ ଡାକ୍ତରୀ ପରୀକ୍ଷା କରି ଚିକିତ୍ସା ସେବା ଯୋଗାଇଥିଲେ। ଏହି ଅବସରରେ ହସ୍ପିଟାଲର ଚକ୍ଷୁ ବିଭାଗ ପକ୍ଷରୁ ବସ୍ ସେବା ଯୋଗେ ବିଶେଷଜ୍ଞ ଡା. ପ୍ରତିଭା ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚକ୍ଷୁ ପରୀକ୍ଷା ସହ ଚିକିତ୍ସା ସେବା ଯୋଇ ଦିଆଯାଇଥିଲା। ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଶିକ୍ଷୟିତ୍ରୀ କଲ୍ୟାଣୀ ସେଠୀ, କଲ୍ୟାଣୀ ଦାଶ, ଶାନ୍ତିଲତା ଦାଶ, ଦୀପ୍ତିମୟୀ ମଲିକ, ଟିଙ୍କିରାଣୀ ଭୋଇ, ଅନନ୍ୟା ସାହୁ, ଶୁଭପ୍ରିୟଦର୍ଶୀନୀ ସାହୁ, ଶିକ୍ଷକ ପ୍ରତାପ କୁମାର ମହାପାତ୍ର, ଭରତ ଚନ୍ଦ୍ର ବାରିକ, ଜୟନ୍ତ କୁମାର ସାହୁ, ଜିତେନ୍ଦ୍ର କୁମାର ନନ୍ଦ, ଧନଞ୍ଜୟ ବଳ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ସେବା ସମାପ୍ତ ପରେ ବିଦ୍ୟାନିକେତନ ପ୍ରଧାନ ଶିକ୍ଷକ ସାହୁଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜକ ହସ୍ପିଟାଲକୁ ସାଧୁବାଦ ଜଣାଯିବା ସହ ସମସ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିର ସହ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଛାତ୍ରୀଛାତ୍ର, ପରିଚାଳନା କମିଟି ସଭାପତି ସୁଶାନ୍ତ ଶେଖର ରଥ ଓ ସମସ୍ତ କର୍ମକର୍ତ୍ତା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ତଥା ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂ ଓ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।


ଶିବିରରେ ଯୋଗଦେଇଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଆଖଡ଼ାସାହି ସ୍ଲୁଇସ୍ କ୍ରିକ୍ ଲୁହା କବାଟ ଭାଙ୍ଗି ଝଡ଼ିଲାଣି

- ଦୁଇପାର୍ଶ୍ୱ ଜମି ଅଧିଗ୍ରହଣ ସାଜିଛି ବାଧକ
- ଅନିଶ୍ଚିତତା ଘେରରେ ଗୁପ୍ତଗିରି ମଧୁର ଜଳ ପ୍ରକଳ୍ପ

ମହାକାଳପଡ଼ା, ୨୨।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମହାନଦୀ ଶାଖା ଆଖଡ଼ାସାହି ମୌଜାଠାରେ ସ୍ଲୁଇସ କ୍ରିକ୍ ଲୁହା କବାଟ ଭାଙ୍ଗି ଝଡ଼ିଗଲାଣି।

ମହାନଦୀ ଶାଖା ଗୁପ୍ତଗିରି ଆଖଡ଼ାସାହିଠାରେ ଏକ ସ୍ଲୁଇସ୍ କ୍ରିକ୍ ନିର୍ମାଣ ପାଇଁ ୧୯୯୦ରୁ ୯୫ରେ ୫୫ ଲକ୍ଷ ଟଙ୍କା ବ୍ୟୟରେ ତତ୍କାଳୀନ ବିଜୁ ପଟ୍ଟନାୟକ ସରକାର ନିର୍ମାଣ କରିଥିଲେ। ପରେ ବୈଷୟିକ ଜ୍ଞାନ କୌଶଳରେ ଅଭାବ ଓ ଗଭୀର ପଙ୍କୁଆ ସ୍ଥାନରେ ପ୍ରକଳ୍ପଟି ନିର୍ମାଣ ହୋଇଥିବାରୁ ସାମୁଦ୍ରିକ ଜୁଆର ମାଡ଼ରେ ୨୦୦୨ରେ ଏହା ଭୁଶୁଡ଼ି ପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ନଦୀ ତଟବନ୍ଧ ( ଜଳ ସମ୍ପଦ) ବିଭାଗ ପକ୍ଷରୁ ୨୦୧୩ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଖଡ଼ାସାହିଠାରେ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ବିଭାଗ ପକ୍ଷରୁ ୭ କୋଟି ଟଙ୍କା ବ୍ୟୟରେ ଅନ୍ୟ ଏକ ସ୍ଥାନରେ ପ୍ରକଳ୍ପଟି ଆରମ୍ଭ ହୋଇ ୨୦୧୮-୧୯ରେ ଶେଷ ହୋଇଥିଲା। ହେଲେ ଉଭୟ ପାର୍ଶ୍ୱରେ ଘରୋଇ ଜମି ଅଧିଗ୍ରହଣରେ ବାଧକ ସାଜିଥିଲା। ସେବେଠାରୁ ପ୍ରକଳ୍ପଟି କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି।

ସୂଚନାଯୋଗ୍ୟ ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ବନ୍ୟା ଜଳ ଓ ସାମୁଦ୍ରିକ ଲୁଣି ପାଣିକୁ ସ୍ଲୁଇସ୍ କ୍ରିକ୍‌ରେ ନିୟନ୍ତ୍ରଣ ହେବ। ମଧୁର ଜଳ ସଂରକ୍ଷିତ କରାଯାଇ ୭ ପଞ୍ଚାୟତର ଚାଷ ଜମିକୁ ଜଳସେଚିତ ହୋଇପାରିଥାନ୍ତା ବୋଲି କୁହାଯାଉଛି। ହେଲେ ପ୍ରକଳ୍ପଟି ନିର୍ମାଣ କାର୍ଯ୍ୟ ୮ ବର୍ଷ ହେବ ଶେଷ ହୋଇଥିଲେ ମଧ ଲୁହା କବାଟ ଭାଙ୍ଗି ଝଡ଼ି ଗଲାଣି ବୋଲି ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଘରୋଇ ଜମି ମାଲିକମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଜମି ଅଧିଗ୍ରହଣ ହେବା ଘୁଞ୍ଚିଘୁଞ୍ଚି ଯାଉଛି। ଜଳସେଚନ ପ୍ରକଳ୍ପଟି କାର୍ଯ୍ୟକାରୀ ନ ହେବା ଯୋଗୁ ଶତାଧିକ ଚାଷୀ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ମହାନଦୀ ଶାଖା ଗୁପ୍ତଗିରି ନାଳରେ ମଧୁର ଜଳସେଚନ ଯୋଗାଇ ଦେବା ପାଇଁ ରାମନଗର, ପେଟଛେଲା, ବଉଳକଣି, ବାରଡ଼ାଙ୍ଗ, ମଙ୍ଗଳପୁର, ବରକନ୍ଧା ଆଦି ପଞ୍ଚାୟତ ଅଞ୍ଚଳର ବହୁ ଚାଷୀଙ୍କ ମଧ୍ୟରେ ବୀରବର ସ୍ୱାଇଁ, ଶିଶିର ରାଉତ, ଶିଶିର ସ୍ୱାଇଁ, ସଦାଶିବ ରାଉତ, ପ୍ରକାଶ ସ୍ୱାଇଁ, ଅଲେଖ ପ୍ରସାଦ ରାଉତ ପ୍ରମୁଖ ଦାବି କରିଛନ୍ତି। ବହୁ ଶହ ହେକ୍ଟର ଜମିରେ ଖରାଦିନେ ଲୁଣି ପାଣି ଓ ବର୍ଷାଦିନେ ବନ୍ୟା ଜଳ ବ୍ୟାପକ ଭାବେ ପ୍ରଭାବିତ ହେଉଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ବ୍ଲକ ସଭାପତି ଅଙ୍କୁର ପଲାଇ, ନରୋତ୍ତମ ପାର୍ଥ ସାରଥୀଙ୍କ ସମେତ ଅନ୍ୟ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଘରୋଇ ଜମି ଅଧିଗ୍ରହଣ କରି ପ୍ରକଳ୍ପଟି କାର୍ଯ୍ୟକାରୀ କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟରଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବା ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ହାଇୱା, ବର୍ତ୍ତିଲେ ଚାଳକ

ଖଜୁରିପଡ଼ା,୨୨।୩ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଗାଡ଼ିଆପଡ଼ା ସ୍କୁଲ ନିକଟରେ ରବିବାର ସକାଳେ (ଏଆର୍‌ଏସ୍‌ଏସ୍) କମ୍ପାନୀର ହାଇୱା ଟ୍ରକ୍ (ଓଡି ୩୩ ଏଏଲ୍ ୯୦୧୨) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଗାଡ଼ିରେ ଥିବା ସମସ୍ତ ସାମଗ୍ରୀ ନିକଟସ୍ଥ ନାଳରେ ପଡ଼ି ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଦୀପକ ଛୋଟରାୟ (୩୦) ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଠିକାଦାର ଏବଂ ପୂର୍ତ୍ତ ବିଭାଗର ଅବହେଳା ଯୋଗୁ ବହୁ ଦିନ ହେଲା ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। କାମ ସରି ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଯାହାକି ପଥିକ ଓ ଗାଡ଼ି ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ସମ୍ପୃକ୍ତ ଠିକାଦାରଙ୍କ ଜରିଆରେ କାମ ସମ୍ପୂର୍ଣ୍ଣ ନ କଲେ ଆଗକୁ ଆହୁରି ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଦଣ୍ଡଯାତ୍ରା ପାଇଁ ଆଖଡ଼ାଶାଳ ଚଳଚଞ୍ଚଳ

ଛତ୍ରପୁର,୨୨।୩(ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ମୁଖ୍ୟତଃ ୨୧, ୧୮ ଓ ୧୩ ଦିନିଆ ଦଣ୍ଡଯାତ୍ରା ପାଳନ କରାଯାଏ। ଆସନ୍ତା ୨୫ ତାରିଖରୁ ୨୧ ଦିନିଆ ଦଣ୍ଡ ଯାତ୍ରା ବାହାରିବ। ଦଣ୍ଡୁଆମାନେ ଉପାସ ରହି ନିଷ୍ଠାର ମହାଦେବ ଓ ମା' ଦଣ୍ଡକାଳୀଙ୍କୁ ଆରାଧନା କରିବେ। ରାତିରେ ମନୋରଞ୍ଜନ ପାଇଁ ନାଟ୍ୟଦଳ ସାମାଜିକ ନାଟକ ପରିବେଷଣ କରିବେ। ଏଥିପାଇଁ ଅଖଡ଼ାଶାଳ ଚଳଚଞ୍ଚଳ ହୋଇଛି। ୨୧ ଦିନିଆ ଯାତ୍ରା ନିମନ୍ତେ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କମାପଲ୍ଲୀ ଗ୍ରାମରେ ମା' ଶ୍ୟାମାକାଳୀ ନାଟ୍ୟ ସଂସଦ ସହଯୋଗରେ ଦଣ୍ଡ ଯାତ୍ରା ନାଟକ ବହି ପୂଜା ସହ ନାଟକ ଅଭ୍ୟାସ ଆରମ୍ଭ ହୋଇଛି। ଲେଖକ ଅରୁଣ ବାରିକ ସାମାଜିକ ନାଟକ 'ଈଶ୍ୱର ଆଲ୍ଲା ତେରୋ ନାମ 'ର ବହି ପୂଜା ସାଙ୍ଗକୁ ଅଭ୍ୟାସ କରାଯାଇଥିଲା। ନିର୍ଦ୍ଦେଶକ ଡ଼ ଗୌରୀ ଶଙ୍କର ସତପଥୀ ଅଧିକାରୀ ଶଶୀଧର ପଣ୍ଡା ଏବଂ ପରିଚାଳକ ବି ସୋମେୟା ପାତ୍ର ଦ୍ୱାରା ଏହି ନାଟକ ପରିବେଷିତ ହେବ ।

### ବିଶ୍ୱ ଜଳ ଦିବସ ପାଳିତ

ମୋହନା,୨୨।୩(ମନ୍ମଥ ମିଶ୍ର)

ଅନ୍ତରବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବହୁ ଛାତ୍ରୀ ଜଳ ସଙ୍କଟ ଓ ସଂରକ୍ଷଣ ଉପରେ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ ଚଳିତବର୍ଷର ବିଶ୍ୱ ଜଳ ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପରିକଳ୍ପନା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା । ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ତଥା ଯୁବ ରେଡକ୍ରସର ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମଲ୍ଲିକ ଅଧକ୍ଷତା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ କୁମାର ପ୍ରଧାନ, ଅଭିଷେକ ଘଣ୍ଟ ସଭା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ଛାତ୍ରୀ ରେଣୁକା ମାଝୀ ଜଳ ଦିବସ ବିଷୟରେ ସ୍ଲୋଗାନ ପାଠ କରିବା ସହ ଛାତ୍ରୀ ଦିପ୍ତିମୟୀ ଶବର ଦିବସର ମହତ୍ତ୍ୱ ସମ୍ବନ୍ଧୀୟ ଛବି ଅଙ୍କନ କରିଥିଲେ। ଜ୍ୟୋସ୍ନାରାଣୀ ମାଝୀ ପ୍ରବନ୍ଧ ପାଠ କରିଥିଲେ ।

# ଜଳ ହିଁ ଅମୂଲ୍ୟ ସମ୍ପଦ, ସଂରକ୍ଷଣ ଜରୁରୀ

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା):



ଯେଉଁଳି ଭାବରେ ପୃଥିବୀରେ ମଧୁର ଜଳର ସଂକଟ ଦେଖା ଦେଇଛି, ତା'ର ସଂରକ୍ଷଣ ଠିକ୍ ଭାବେ ହୋଇ ନ ପାରିଲେ ଏହା ପ୍ରାଣୀ ଜଗତ ପାଇଁ ବିସ୍ମୟ ହୋଇଯିବ। ସେତେବେଳେ ଏହି ଜଳ ବିନ୍ଦୁଏ ପାଇଁ ବିଶ୍ୱର ଜୀବ ଜଗତ ତା'ର ସତ୍ତା ହରାଇ ବସିଥିବ। ବିଶ୍ୱ ଓ ପରିବେଶର ସୁରକ୍ଷା ଦିଗରେ ଆଜିର ଏହି ବାର୍ତ୍ତା ପୃଥିବୀବାସୀଙ୍କୁ ସଚେତନ କରାଇବାରେ ସଫଳ ହେବ ବୋଲି ଆଶା କରାଯାଉଛି। ପରିବର୍ତ୍ତିତ ପରିସ୍ଥିତିରେ ଜୀବ ଜଗତ ପାଇଁ ଜଳ ସଂକଟ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ସାମ୍ପ୍ରତିକ ପରିସ୍ଥିତିରେ ଜଳର ଅପଚୟ, ଜଳାଭାବ ତଥା ଦୂଷିତ ଜଳ ଯୋଗୁ ରାଜ୍ୟରେ ମାନବ ସମାଜଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଫସଲ ମଧ୍ୟ ନଷ୍ଟ ହେଉଛି। ଏହି ସମସ୍ୟାର ଦୂରୀକରଣ ପାଇଁ ଜଳ ପ୍ରଦୂଷଣ ଓ ଏହାର ସଂରକ୍ଷଣ ଜରୁରୀ ହୋଇପଡିଛି। ଘରୋଇ ବ୍ୟବହାରଠାରୁ ଆରମ୍ଭ କରି କୃଷି, ଶିଳ୍ପ ପ୍ରତ୍ୟେକ କ୍ଷେତ୍ରରେ ଜଳର ବ୍ୟବହାର ଜରୁରୀ। ବିଶ୍ୱ ଅର୍ଥନୀତି ଅନେକାଂଶରେ ଜଳ ଉପରେ ନିର୍ଭରଶୀଳ। ମାତ୍ର ଆମର ଅପରିଣାମଦର୍ଶିତା ପାଇଁ ପରିବେଶର ଦ୍ରୁତ ଅବକ୍ଷୟ ହେବା ସହିତ ଜଳ ସଂକଟ ସୃଷ୍ଟି ହେଉଛି।

ସବୁଜ ଜଙ୍ଗଲ ନଷ୍ଟ କରି ଆମେ କଂକ୍ରିଟ ଜଙ୍ଗଲ ସୃଷ୍ଟି କରୁଛେ। ଯେଉଁଥି ପାଇଁ ଜଳଚକ୍ର ବାଧାପ୍ରାପ୍ତ ହେଉଛି। ଠିକ୍ ସମୟରେ ଆବଶ୍ୟକ ପରିମାଣ ବର୍ଷା ହେଉନି। କେଉଁଠି ବାଦଲଫଟା ବର୍ଷା ଯୋଗୁ ନାହିଁ ନ ଥିବା ଧନ ଜୀବନ ନଷ୍ଟ ହେଉଛି ତ ପୁଣି କେଉଁଠି ବର୍ଷାଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ପୂର୍ବେ କୁହାଯାଉଥିଲା ଜଳ ପାଇଁ ଦିନେ ସଂଘର୍ଷର ସୂତ୍ରପାତ ହେବ। ସେହିଦିନ ଆଉ ଦେଖିବାକୁ ବାକି ନାହିଁ। ପାଣି ପାଇଁ ବିଭିନ୍ନ ସ୍ଥାନରେ କଳି ଗଣ୍ଡଗୋଳର ସୂତ୍ରପାତ ହେଉଥିବା ପରିଲକ୍ଷିତ ହେଉଛି। ସମ୍ପ୍ରତି ଛତିଶଗଡ ଏବଂ ଓଡ଼ିଶା ମଧ୍ୟରେ ଲାଗି ରହିଥିବା ବାଦ ବିବାଦ କାହାକୁ ଅଛପା ନାହିଁ। ପୃଥିବୀର ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ପ୍ରବାହିତ ନଦୀ ଜଳକୁ ଠିକ୍ ଭାବେ ବ୍ୟବହାର କରା ନ ଯାଇ ଭୂତଳ ଜଳକୁ ବିଭିନ୍ନ ସମୟରେ ତଥା ବିଭିନ୍ନ ଉପାୟରେ ଅପଚୟ କରାଯାଉଛି। ଚାଷ ପାଇଁ ଏବେ ଠିକ୍ ସମୟରେ ବର୍ଷା ହେଉ ନ ଥିବାରୁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛି। ବିଶେଷ କରି ବର୍ଷା କରାଇବାରେ ବୃକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଛଗୁଡିକ ମୃତ୍ତିକାରୁ ଜଳ ସଂଗ୍ରହ କରି ବଢନ୍ତି। ପୁନଶ୍ଚ ସେହି ପାଣି ଗଛର ପତ୍ରରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଜଳୀୟ ବାଷ୍ପ ରୂପରେ ବାୟୁ ମଣ୍ଡଳକୁ ଯାଇ ନୂତନ ବାଦଲ ସୃଷ୍ଟି କରେ। ପରେ ବର୍ଷା ହୁଏ। ସମ୍ପ୍ରତି ଜଙ୍ଗଲର ଦ୍ରୁତ ଅବକ୍ଷୟ ଆମ କୃଷିର ବ୍ୟାପକ କ୍ଷତି ଘଟାଉଛି।

## ଏମାନେ ଯାହା କୁହନ୍ତି...



" ପ୍ରକୃତିର ଅମୂଲ୍ୟ ଅବଦାନ ହେଉଛି ଜଳ। ଏହି ଜଳରୁ ହିଁ ଆରମ୍ଭ ହୋଇଥିଲା ଜୀବ ସତ୍ତା। ଅଧୁନା ଯେପରି ଭାବରେ ଜଳର ଅପଚୟ ହେଉଛି, ସେଥିପାଇଁ ଦିନେନା ଦିନେ ସୃଷ୍ଟିର ବିନାଶ ନିଶ୍ଚିତ। ଆମେ ଯଦି ଠିକ୍ ଭାବରେ ଜଳ ସଂରକ୍ଷଣ ନ କରିବା। ତେବେ ଆଗାମୀ ଯୁଗ ପାଇଁ ଜୀବ ଜଗତ ତିଷ୍ଠି ରହିବା ଅସମ୍ଭବ। ପୃଥିବୀର ଅଧିକାଂଶ ଭାଗ ଜଳ ହୋଇଥିବାରୁ ଏହାକୁ ନୀଳଗ୍ରହ(ବ୍ଲୁ ପ୍ଲାନେଟ) କୁହାଯାଏ। ବର୍ଷାଜଳ ବହୁଳ ଭାବରେ ସମୁଦ୍ରକୁ ବୋହି ଯାଉଥିବା ବେଳେ ଭୂତଳ ଜଳସ୍ତର ହ୍ରାସ ପାଇବାକୁ ଲାଗିଛି। ନଦୀର ପ୍ରବାହିତ ଜଳକୁ ସଂରକ୍ଷଣ, ପୁଷ୍କରିଣୀ ଖନନ ଓ ଗଭୀର କୂପ ନିର୍ମାଣ ସହିତ ଛାତ ଜଳକୁ ସଂରକ୍ଷଣ କରି ଆମେ ଜଳ କଷ୍ଟ ଦୂର କରି ପାରିବା।

-ତୁଷାରକାନ୍ତ ଦାଶ, ଆବାହକ ମହାବୀର ଯୁବ ପରିଷଦ,କାଦୁଆ



" ଜଳ ହେଉଛି ଜୀବନର ମୂଳ ଆଧାର। ଆମେ ଯଦି ଆଜି ଜଳକୁ ସଂରକ୍ଷଣ ଓ ପ୍ରଦୂଷଣରୁ ରକ୍ଷା କରିବାକୁ ଆଗୁଆ ହେବା, ତେବେ ଆଗାମୀ ପିଢି ପାଇଁ ଏହା ଏକ ମୂଲ୍ୟବାନ ଉପହାର ହେବ। ଆଜିର ବିଶ୍ୱ ଜଳ ଦିବସରେ ଆମେ ସମସ୍ତେ ଜଳ ସଂରକ୍ଷଣର ସଂକଳ୍ପ ନେବା। ପୃଥିବୀ ଏକ ଜଳଗ୍ରହ, ମାତ୍ର କେତେକ ପ୍ରକୃତି ବିରୋଧୀ ମାନବ କୃତ କାର୍ଯ୍ୟକଳାପ ହେତୁ ଜଳଗ୍ରହ ଏବେ ଜଳ ସଂକଟର ସମ୍ମୁଖୀନ ହୋଇଛି। ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଘୋର ଜଳ ସଂକଟରୁ ରକ୍ଷା ପାଇବାକୁ ହେଲେ ଆମ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ ଜଳ ସଂରକ୍ଷଣ ଅଭ୍ୟାସ ଆପଣେଇବାକୁ ପଡିବ। ଜଳର ମିତବ୍ୟୟତା ସାଙ୍ଗକୁ ଅଯଥା ଅପଚୟ ରୋକିବାକୁ ପଡିବ। ଆମକୁ ମନେରଖିବାକୁ ହେବ, ଜଳ ହିଁ ଜୀବନ ଓ ଜୀବନ ପାଇଁ ଆବଶ୍ୟକ ଜଳ।

-ଦିଲୀପ କୁମାର ପଟ୍ଟନାୟକ, ବନାଞ୍ଚଳ ଅଧିକାରୀ, ଖଣ୍ଡପଡା



" ଜଳ ପୃଥିବୀରେ ସମସ୍ତ ଜୀବନର ପ୍ରାଣଧାରା। ସୃଷ୍ଟିର ସମସ୍ତ ଜୀବ ଜଗତଙ୍କ ଅସ୍ତିତ୍ୱ ଜଳ ଉପରେ ନିର୍ଭରଶୀଳ। ପାନୀୟ ଜଳ, କୃଷି ଓ ଶିଳ୍ପ ଉନ୍ନତିରେ ଏହାର ଭୂମିକା ଅପରିହାର୍ଯ୍ୟ। କିନ୍ତୁ ଅବିବେକୀୟ ବ୍ୟବହାର ଓ ଅବହେଳାର ପରିଣାମରେ ଜଳ ପ୍ରଦୂଷଣ ଭୟାବହ ରୂପ ନେଇଛି। କାରଖାନର ବର୍ଜ୍ୟ, ପ୍ଲାଷ୍ଟିକ ଓ ବିଷାକ୍ତ ରସାୟନ ନଦୀ, ଝିଲ୍ଲି ଓ ଜଳାଶୟକୁ ଦୂଷିତ କରୁଛି। ତେଣୁ ପ୍ରଦୂଷଣମୁକ୍ତ ଜଳ ସଂରକ୍ଷଣ ଆଜିର ସବୁଠାରୁ ବଡ ଆବଶ୍ୟକତା। ସଚେତନତା ବଢାଇ, ଜଳର ଠିକ୍ ବ୍ୟବହାର କରିବା ସହ ସାମୂହିକ ପ୍ରୟାସ ମାଧମରେ ଆମେ ଏହି ଅମୂଲ୍ୟ ସମ୍ପଦକୁ ଆଗାମୀ ପିଢି ପାଇଁ ସୁରକ୍ଷିତ ରଖିପାରିବା।

-ଡ. ଅଶୋକ ପାତ୍ର, ଅଧାପକ ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ



" ଯଦି କେବେ ତୃତୀୟ ବିଶ୍ୱ ଯୁଦ୍ଧ ହୁଏ, ତାହା ହେବ ଦେଶ-ଦେଶ ମଧରେ ଜଳକୁ ନେଇ। କାରଣ, ତମାମ ପୃଥିବୀରେ ଏବେ ଜଳ ସଂକଟ ଅତ୍ୟନ୍ତ ତୀବ୍ର ହେବାରେ ଲାଗିଛି। ଭୂତଳ ଜଳସ୍ତର କମୁଛି। ଜଙ୍ଗଲ ଓ ପାହାଡର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଜଳସ୍ତର କ୍ରମଶଃ ହ୍ରାସ ପାଇବାକୁ ଲାଗିଛି। ଫଳରେ ପ୍ରକୃତିର ଭାରସାମ୍ୟ ରକ୍ଷା ହୋଇପାରୁନି। ସାମ୍ପ୍ରତିକ ପରିସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ଜଳ ସଂରକ୍ଷଣ, ଚାରାରୋପଣ ନୂତନ ଜଙ୍ଗଲ ସୃଷ୍ଟି ସହିତ ପ୍ରାକୃତିକ ସମ୍ପଦର ସୁରକ୍ଷା। ଆଗାମୀ ପିଢି ପାଇଁ ଜଳ ସଂରକ୍ଷିତ ରଖିବା ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ହେବା ଉଚିତ।

-ଡାକ୍ତର ଅଭିସାର ପଣ୍ଡା, ମୁଖ୍ୟ ଚିକିତ୍ସାଧିକାରୀ, ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

### କ୍ରଶର ୟୁନିଟ୍‌ରୁ ଚୋରି

ଦିଗପହଣ୍ଡି,୨୨।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ କେ.ସାମନ୍ତରାପୁର ଗ୍ରାମ ନିକଟ ଷ୍ଟୋନ କ୍ରସର ୟୁନିଟରୁ ପାଣି ମୋଟର ଏବଂ କିଛି ଆସବାବ ପତ୍ର ଚୋରି ହୋଇଥିବା ଜଣାପଡିଛି। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ନେଇ କ୍ରସର ୟୁନିଟର ମ୍ୟାନେଜର ଏମ.ବାଲାଜୀ ରେଡ୍ଡୀ ରବିବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲା ଭିତ୍ତିକରି ଆଇଆଇସି କିଶୋର କୁମାର ନଂ.୧୨୨/୨୬ରେ ଏଏସଆଇ କହ୍ନେଇ ମିର୍ଦ୍ଧାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### 'ଓଡ଼ିଆ ସାହିତ୍ୟର ସ୍ୱରୋଦୟ' ପ୍ରବନ୍ଧ ଲୋକାର୍ପିତ

ପାରଳାଖେମୁଣ୍ଡି,୨୨।୩(ଗିରିଧାରୀ ପରିଛା)

ସାହିତ୍ୟିକ ଆଶାଲତା ପାଣିଗ୍ରାହୀଙ୍କ 'ଓଡିଆ ସାହିତ୍ୟର ସ୍ୱରୋଦୟ' ପ୍ରବନ୍ଧ ସଂକଳନ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ଉତ୍କଳ ହିତୈଷିଣୀ ସଭାଗୃହରେ ଲୋକାର୍ପଣ ହୋଇଛି। ବାଙ୍କୀର କବି କେଶରୀ ନବକିଶୋର ମହାରଣାଙ୍କୁ ଏହି ଅବସରରେ 'ସିଦ୍ଧାନ୍ତ ସମ୍ମାନ-୨୦୨୬' ପ୍ରଦାନ କରାଯିବା ସହ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାର ବାଣୀ ଭଣ୍ଡାରକୁ ପାରଳାର ଅବଦାନର ପ୍ରଶଂସା କରିଥିଲେ। ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ଅଧାପକ ଡଃ ହୃଷୀକେଶ ପଣ୍ଡା ଓ ଅଧାପକ ଡ. ବିପ୍ଳବ ରଂଜନ ପ୍ରଧାନ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ ।

## ଚାରିୟଟ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ରଣପୁର,୨୨।୩ (ସୁକାନ୍ତ କିଶୋର ଡାକୁଆ)

ରଣପୁର ଏନ୍‌ଏସି ସ୍ଥିତ ଚାରିୟଟ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ସ୍କୁଲର ଖେଳପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ପାଳିତ ହେଉଥିବା ବେଳେ ଶନିବାର ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ସିଡ଼ିଓ ଲଗ୍ନଜିତ ରାଉତ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରଣପୁର ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ସମ୍ମାନିତ ଅତିଥି ପୂର୍ବତନ ଖାଉଟି ଫୋରମ ଅଧକ୍ଷ ନାରାୟଣ ମହାପାତ୍ର,ସ୍କୁଲ ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନ, ସୁପ୍ରଭା ଟ୍ରଷ୍ଟ ଚେୟାରମ୍ୟାନ ସୁପ୍ରଭା ପ୍ରଧାନ ଓ ସ୍କୁଲର ପ୍ରିନସିପାଲ ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ମଞ୍ଚରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ରବିବାର ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କୈବଲ୍ୟ ସାହିତ୍ୟ ସଂସଦ ଫାଉଣ୍ଡର ସଂଗ୍ରାମ କେଶରୀ ସାମନ୍ତରାୟ, ମୁଖ୍ୟ ବକ୍ତା ଓଡ଼ିଶା ଭାଷା ସଂସ୍କୃତି ଚେୟାରମ୍ୟାନ ନାରାୟଣ ମୁଦୁଲି, ସମ୍ମାନିତ ଅତିଥି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ସୁକୁମାର ବିଶ୍ୱାଳ, ଅନ୍ୟତମ ଅତିଥି ରଣପୁର ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ମଞ୍ଚରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ସରିବା ପରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନାଟକ ପରିବେଷଣ କରାଯାଇଥିଲା।

## କନିଷ୍ଠ କିରାଣି ସଂଘର ସପ୍ତମ ଅଧିବେଶନ ସମ୍ପନ୍ନ

ଖଜୁରିପଡ଼ା, ୨୨।୩ (ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ୍ ଦଳପଡ଼ା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଜିଲା ନୂତନ ଅନୁଦାନ ପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ କନିଷ୍ଠ କିରାଣି ସଂଘର ସପ୍ତମ ସମୂହ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଖଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ପ୍ରକାଶ ପ୍ରଧାନ ଏବଂ ସମ୍ମାନୀତ ଅତିଥି ଭାବେ ସୁଧାଂଶୁ ପ୍ରଧାନ ଯୋଗ ଦେଇଥିଲେ। ଏହି ଅଧିବେଶନରେ କନିଷ୍ଠ କିରାଣୀମାନଙ୍କର ବିଭିନ୍ନ ନ୍ୟାୟ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ମୁଖ୍ୟତଃ ୬ଟି ଦାବି ଯଥା ଯୋଗ୍ୟତା ଭିତ୍ତିରେ ଧରମା ବୃଦ୍ଧି। ୪୮ ବର୍ଷ ବୟସ ପରେ ଅତିକମରେ ୨ଟି ଉଚ୍ଚ ସ୍ତରକୁ ପଦୋନ୍ନତି। ଉଚ୍ଚଶିକ୍ଷା ଓ ବିଭାଗୀୟ ପରୀକ୍ଷା ପାଇଁ ସାର୍ବଜନୀନ ଅନୁମତି ଓ ସ୍ୱୀକୃତି। ଏଚ୍‌ଆର୍‌ଏସ୍‌ରେ କନିଷ୍ଠ କିରାଣୀ ପରିବର୍ତ୍ତେ କନିଷ୍ଠ ସହାୟକ ମାନ୍ୟତା ପ୍ରଦାନ। ସରକାରଙ୍କ ଜିଏ ଓ ପିଏ ବିଭାଗୀୟ ଅନୁଶାସନରେ ଅନ୍ତର୍ଭୁକ୍ତ କରିବା ଆଦି ସମ୍ପର୍କରେ ସରକାରଙ୍କ ନିକଟରେ ଦୃଢ଼ଦାବି ଉପସ୍ଥାପନ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ ସମ୍ପାଦକ କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସମେତ ଜିଲାର ସମସ୍ତ କିରାଣିମାନେ ଏଥିରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକ ଓ କର୍ମଚାରୀମାନଙ୍କ ସହଯୋଗରେ ବୈଠକଟି ସଫଳ ହୋଇଥିଲା। ଶେଷରେ ଅମରେଶର ଦୟାଲ ସାହୁ, ଶଙ୍କର୍ଷଣ ଯାନୀ ଓ ବିଶ୍ୱମ୍ବର କହଁରଙ୍କ ପରିଚାଳନା କରିଥିଲେ।

## ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଅତିଥିମାନେ ମୁଖପତ୍ର ସୁଧା ଉନ୍ମୋଚନ କରୁଛନ୍ତି।

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରାଞ୍ଚଳସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖଣ୍ଡପଡା ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାକର, ପୁରାତନ ଛାତ୍ର ସଂସଦ ସଭାପତି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ପିଏମ ଶ୍ରୀ ବିଦ୍ୟାଳୟ ଗୁଡିକ ସମଗ୍ର ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଏଥି ମଧ୍ୟରୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଅନ୍ୟତମ ବୋଲି ଅତିଥିମାନେ ମତଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତ କାମନା କରିଥିଲେ। ପ୍ରାରମ୍ଭରେ କୁନି କୁନି ପିଲାମାନଙ୍କୁ ବିଧାୟକ ପୁଷ୍ପଗୁଚ୍ଛ ଓ ଉପହାର ସ୍ୱରୂପ ମିଠା ପ୍ରଦାନ କରି ପ୍ରବେଶ ଉତ୍ସବକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୁଧା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଗଜପତି ସାଗରର ଅନୁଧ୍ୟାନ କଲେ ବିଧାୟକ

ପାରଳାଖେମୁଣ୍ଡି,୨୨।୩(ଗିରିଧାରୀ ପରିଛା)

ଗୋଷାଣି ବ୍ଲକରେ ଥିବା ଗଜପତି ସାଗରର ପୁନରୁଦ୍ଧାର କାର୍ଯ୍ୟ କରିବା ପୂର୍ବରୁ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏହାର ଅନୁଧ୍ୟାନ କରିଛନ୍ତି। ଗଜପତି ସାଗରକୁ କେନ୍ଦୁଗୁଡ଼ା ଡ୍ୟାମ ଭଳି ନିର୍ମାଣ ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି । ଏହି ସାଗରର ପୁନରୁଦ୍ଧାର ହେଲେ ଜିଲାରେ ପିଇବା ପାଣି ଠାରୁ ଆରମ୍ଭ କରି ଚାଷଜମିକୁ ଜଳ ସେଚନରେ ବି ସୁବିଧା ହେବ। ଜିଲାବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜିଲାର ଭାତହାଣ୍ଡି କୁହାଯାଉଥିବା ଗୋଷାଣି ବ୍ଲକରେ ଧାନଚାଷ ହିଁ ମୁଖ୍ୟ। ବିଧାୟକ ଗଜପତି ସାଗର ଅନୁଧ୍ୟାନ କରିବା ସହ ରାଜ୍ୟ ଜଳ ସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ସାଗର ମହାନ୍ତିଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ତୁରନ୍ତ ଗଜପତି ଜିଲା ଗସ୍ତ କରି ଗଜପତି ସାଗର ଅନୁଧ୍ୟାନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ବିଷୟରେ ବିଧାୟକ ସରକାରଙ୍କୁ ଅବଗତ କରିବା ସହ ବିଧାନସଭାରେ ଉପସ୍ଥାପନା କରିବେ ବୋଲି କହିଛନ୍ତି। ବିଧାୟକଙ୍କ ଗସ୍ତ ବେଳେ ସ୍ଥାନୀୟ ସରପଞ୍ଚ, ସମିତି, ଜିଲ୍ଲା ପରିଷଦ ସଭ୍ୟ ଓ ଶତାଧିକ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନୟାଗଡ଼, ୨୨।୩(ଲୋକନାଥ ମିଶ୍ର)

ଓଡ଼ଗାଁ ସହରାଞ୍ଚଳର ପିମିଟି ଆବାସିକ ମହାବିଦ୍ୟାଳୟରେ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ଅଧକ୍ଷ ସୁନୀଲ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ଯୋଗ ଦେଇଥିବାବେଳେ ସ୍ୱତନ୍ତ୍ର ଅତିଥିଭାବେ ରଘୁନାଥ ସମବାୟ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଦୀପ୍ତ ଜିତେନ୍ଦ୍ର ଦଳେଇ, ମୁଖ୍ୟବକ୍ତା ଶରଣକୁଳ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୨ ଅଧକ୍ଷ ସୁରେଶ ପ୍ରଧାନ, ଶିକ୍ଷାବିଭାଗ ମୁଖ୍ୟ ଜ୍ୟୋତିର୍ମୟୀ ପରିଡ଼ାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସୁଜାତା ଦାଶ ମଞ୍ଚ ପରିଚାଳନା ଓ ସଂସ୍କୃତ ବିଭାଗର ମୁଖ୍ୟ ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବହନ, ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

ଜି.ଉଦୟଗିରି, ୨୨।୩
(ଚିନ୍ମୟ କୁମାର ସେଠୀ)



ଜି.ଉଦୟଗିରି କଳିଙ୍ଗା ରୋଡ ପେଟ୍ରୋଲ ପମ୍ପ ନିକଟରେ ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ବିଭାଗର ମିଳିତ ସହଯୋଗରେ ଯାନବାହାନ ଯାଞ୍ଚ କରାଯାଇଥିଲା। ପରିବହନ ଅଧିକାରୀ ଶିବାନୀ ମାଝୀ ଏବଂ ପୋଲିସ ଏସଆଇ ରୂପକ ଦଳେଇଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଥିବା ବେଳେ ଚାଳକ ମାନଙ୍କ ଲାଇସେନ୍ସ, ହେଲମେଟ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ, ଇନ୍ସୁରାନସ୍ କାଗଜ ପତ୍ର ଯାଞ୍ଚ କରାଯାଇଥିବା ସହ ମଦ୍ୟପ ଚାଳକଙ୍କୁ ପରୀକ୍ଷା କରି ଫାଇନ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରାୟ ୯୩ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ସୂଚନା ମିଳିଛି। ଆଗକୁ ମଧ୍ୟ ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ବାହିନୀର ମିଳିତ ସହଯୋଗରେ ଏହିପରି ଯାଞ୍ଚ କରାଯାଇ ବେପରୁଆ ଭାବେ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ଦଣ୍ଡିତ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି।

## ଆକର୍ଷଣୀୟ ହେବ ଭଞ୍ଜନଗର ଠାକୁରାଣୀ ଯାତ୍ରା

ଭଞ୍ଜନଗର,୨୨।୩(ବାବୁଲା ପ୍ରଧାନ)



ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର ଐତିହାସିକ ଠାକୁରାଣୀ ଯାତ୍ରା ପ୍ରରିପ୍ରେକ୍ଷୀରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରାଜେନ୍ଦ୍ର ବିଷୋୟୀ ଅଧକ୍ଷତା କରିଥିଲେ। ଭଞ୍ଜନଗର ବିଧାୟକ ତଥା ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଚଳିତ ବର୍ଷ ଯାତ୍ରା କିଭଳି ଅଧିକ ଆକର୍ଷଣୀୟ ହୋଇପାରିବ ସେ ନେଇ କହିଥିଲେ। ଯାତ୍ରା ପରିଚାଳନା ପାଇଁ ଆଉ କିଛି ନୂଆ କର୍ମକର୍ତ୍ତା ଯୋଡ଼ି ହୋଇଛନ୍ତି। ପୁରୁଣା, ନୂଆ ସମସ୍ତ କର୍ମକର୍ତ୍ତା ମିଶି ଯାତ୍ରାକୁ ପରିଚାଳନା କରିବେ। ଯାତ୍ରାରେ ଯାହା କିଛି କାର୍ଯ୍ୟକ୍ରମ ହେବ ଏବଂ ଖର୍ଚ୍ଚ ଯେଉଁଠି ହେବ ତାହା ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଜାଣତରେ ହେବ। ସମସ୍ତେ ମିଳିମିଶି ଯାତ୍ରାକୁ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ କରିବାକୁ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଆବଶ୍ୟକ ବୋଲି କହିଥିଲେ। ଯାତ୍ରା ସରିବାର ୩୦ ଦିନ ମଧ୍ୟରେ କମିଟି ବୈଠକ ଡାକି ଆୟ ବ୍ୟୟ ହିସାବ ଦାଖଲ କରାଯିବ ବୋଲି କହିଥିଲେ। ମ୍ୟୁନିସିପାଲଟି ଚେୟାରମ୍ୟାନ ତଥା ସାଧାରଣ ସମ୍ପାଦକ ଗୋପବନ୍ଧୁ ମହାପାତ୍ର ଆଲୋଚନାରେ ଭାଗନେଇ ଯାତ୍ରା କିଭଳି ଭଲ ଭାବେ ହେବ ସେଥିପାଇଁ ମ୍ୟୁନିସିପାଲଟି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବୈଠକରେ ଉପ ସଭାପତି ବିନୟ କୁମାର ରଥ, ଶାନ୍ତନୁ କୁମାର ଦାସ, ମୂରଲୀ ଧର ପଣ୍ଡା,ସନ୍ତୋଷ ତିଆଡି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବେହେରା ସଭାକୁ ସଂଯୋଜନା କରିବା ସହ ବିବରଣୀ ପାଠ କରିଥିଲେ। ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୩ ବର୍ଷକୁ ଥରେ ହେଉଥିବା ଭଞ୍ଜନଗର ଠାକୁରାଣୀ ଯାତ୍ରା ଚଳିତ ବର୍ଷ ଏପ୍ରିଲ ୨୬ରୁ ଯାତ୍ରା ଆରମ୍ଭ ହୋଇ ମେ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ ୧୯ରେ ସିଂହ ବାହିନୀ ଯାତ୍ରା ହେବ । ଯାତ୍ରାକୁ ୨ ଦେବୀଙ୍କୁ ନିମନ୍ତ୍ରଣ କରାଯାଏ। ପ୍ରଥମେ କୁଲାଡ଼ରୁ ବ୍ୟାଘ୍ର ଦେବୀଙ୍କୁ ଶଗଡ଼ରେ ବସାଇ ବିରାଟ ଶୋଭାଯାତ୍ରାରେ ଦୀର୍ଘ ୮ କିମି ଭଞ୍ଜନଗର ଅଣାଯିବ। ଦେବୀ ଭଞ୍ଜନଗର ବାଗଦେବୀ ମନ୍ଦିର ଠାରେ କିଛି ସମୟ ବିଶ୍ରାମ ନେବାପରେ ସନ୍ଧ୍ୟାରେ ମୁଖ୍ୟ ସଡକରେ ହୋଇଥିବା ଅସ୍ଥାୟୀ ମଣ୍ଡପକୁ ଆସିବେ। ବ୍ୟାଘ୍ରଦେବୀ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେବାପରେ ଭଞ୍ଜନଗର ଦେବୀ ଠାକୁରାଣୀଙ୍କୁ ନିମନ୍ତ୍ରଣ କରି ଅଣାଯିବ। ଏହି ପ୍ରକ୍ରିୟା ଭୋର ପର୍ଯ୍ୟନ୍ତ ଚାଲିବ। ଯାତ୍ରା ଲାଗି ସହରରେ ଏବେଠୁ ଉତ୍ସାହ ପରିଲକ୍ଷିତ ହେଲାଣି ।

# ପଟ୍ଟାମୁଣ୍ଡାଇ କଲେଜର ଗରିମା କ୍ଷୁଣ୍ଣ କରିବାକୁ ଷଡ଼ଯନ୍ତ୍ର

**ପଟ୍ଟାମୁଣ୍ଡାଇ, ୨୨।୩ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ କଲେଜ ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ବାଣୀବିହାର ବିଶ୍ୱବିଦ୍ୟାଳୟ ସହବନ୍ଧିତାରେ ଚାଲି ଆସୁଛି। ଏହି ମହାବିଦ୍ୟାଳୟ ୧୯୭୦ ମସିହାରୁ ପ୍ରତିଷ୍ଠିତ ଅନୁବନ୍ଧିତ ପ୍ରତିଷ୍ଠାନ କଳା, ବିଜ୍ଞାନ ଏବଂ ବାଣିଜ୍ୟରେ ବିଭିନ୍ନ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିଆସୁଛି। କଲେଜଟି ଜାତୀୟ ମୂଲ୍ୟାଙ୍କନ ଏବଂ ମାନ୍ୟତା ପରିଷଦ (ଏନ୍‌ଏଏସି) ନାକ୍ ଦ୍ୱାରା ଅତୀତର ବି ଯୁକ୍ତ ଗ୍ରେଡ୍ ପ୍ରାପ୍ତ କରିଥିବା ବେଳେ ଓ ବର୍ତ୍ତମାନ ବି ଗ୍ରେଡ୍‌ରେ ରହିଛି। ମାତ୍ର କିଛିବର୍ଷ ହେବ ସହବନ୍ଧିତ ବିଶ୍ୱବିଦ୍ୟାଳୟ ଚାପରେ ନିଜର ଗରିମା ହରାଇବାକୁ ବସିଥିବା ପୁରାତନ ଛାତ୍ରୀଛାତ୍ରମାନେ ଅଭିଯୋଗ ଉଠାଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଗୋଟିଏ ବର୍ଷରେ ୨ଟି ସେମିଷ୍ଟାର ହେବାକୁ ଥିବାବେଳେ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷ ଗୋଟିଏ ସେମିଷ୍ଟାର ଓ ପରବର୍ତ୍ତୀ ମାର୍ଚ୍ଚ ମାସରେ ଅନ୍ୟ ସେମିଷ୍ଟାର କରାଯାଉଛି। ପରୀକ୍ଷାର ସୁପରଭିଜନ ଦାୟିତ୍ୱ ବିଶ୍ୱବିଦ୍ୟାଳୟର ଥିବାବେଳେ ଏହି କଲେଜ ତାହାର ଗରିମା ବଜାଇ ରଖିଥିଲା। ମାତ୍ର ଚଳିତବର୍ଷ ନୋଡାଲ କଲେଜ ଭାବେ ଏକ ଗ୍ରେଡେଶନ ବିହୀନ କଲେଜକୁ ପରୀକ୍ଷା ସୁପରଭିଜନ ଦାୟିତ୍ୱ ଦେଇଥିବାରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଯାହା କଲେଜର ଗରିମା କ୍ଷୁଣ୍ଣ ହେଉଥିବା ନେଇ ନାମ ଗୋପନ ରଖିବା ସର୍ତ୍ତରେ କେତେଜଣ ଅବସରପ୍ରାପ୍ତ ଅଧ୍ୟାପିକାଅଧ୍ୟାପକ ମତପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଏପରି କାର୍ଯ୍ୟକୁ ପୁରାତନ ଛାତ୍ରୀଛାତ୍ର ନାପସନ୍ଦ କରିଛନ୍ତି।

କେତେଜଣ ଅବସରପ୍ରାପ୍ତ ଅଧ୍ୟାପିକାଅଧ୍ୟାପକଙ୍କ କହିବା ଅନୁଯାୟୀ, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହବନ୍ଧିତାରେ ବହୁ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ (କଲେଜ) କାର୍ଯ୍ୟ କରୁଛି। ଯେଉଁଠାରେ ଡିଗ୍ରୀ ଓ ସ୍ନାତକୋତର ଶିକ୍ଷା ପ୍ରଦାନ କରାଯାଇଥାଏ। ସେଥିମଧ୍ୟରୁ ଉତ୍କଳ

## ସହବନ୍ଧିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନିକୁ ଦାୟୀ କଲେ ପୁରାତନ ଛାତ୍ରୀଛାତ୍ର

ବିଶ୍ୱବିଦ୍ୟାଳୟ, ସହବନ୍ଧିତାରେ ବର୍ତ୍ତମାନ ୧୫ ସ୍ୱୟଂଶାସିତ କଲେଜ ସମେତ ୩୬୫ଟି ଅନୁବନ୍ଧିତ ମହାବିଦ୍ୟାଳୟ ରହିଛି। ସହବନ୍ଧିତ କଲେଜଗୁଡିକ ଉତ୍କଳ ବିଶ୍ୱବିଦ୍ୟାଳୟର ସିଲାବସ୍ ଓ ପରୀକ୍ଷା ବ୍ୟବସ୍ଥା ନିର୍ଦ୍ଧାରଣରେ ଚାଲି ଆସୁଥିବାବେଳେ ଗତ କିଛିବର୍ଷ ହେବ କର୍ତ୍ତୃପକ୍ଷଙ୍କ ମନମାନିରେ ନିଜର ପଦର ଅବନତି ହେବା ସହିତ ଗୁଣବତ୍ତା ଓ ସଂଖ୍ୟାତ୍ମକ ପଦବୀ ହରାଇ ବସିଛି ବୋଲି ଅନେକ ଅବସରପ୍ରାପ୍ତ କୁଳପତି ପ୍ରଶ୍ନ ଉଠାଇ ଆସୁଛନ୍ତି। ଅତୀତରେ ଉତ୍କଳ ବିଶ୍ୱବିଦ୍ୟାଳୟର ମୂଲ୍ୟାଙ୍କନ ୨ ଅକ୍ଷର ଅଧା ସେଞ୍ଚୁରି ପୂର୍ବର ହେଉଥିବା ବେଳେ ଏବେ ଦେଢ଼ ସେଞ୍ଚୁରି ଧରିଲାଣି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରତିବର୍ଷ ପ୍ରକାଶିତ ଏକ ର୍‍ୟାଙ୍କିଂ ପଦ୍ଧତି (ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଂ ଫ୍ରେମୱାର୍କ) ବିଶ୍ୱବିଦ୍ୟାଳୟ ସାମଗ୍ରୀକ ଭାବେ ୨୦୨୪-୨୦୨୫ରେ ୧୦୧-୧୫୦ସ୍ଥାନ ପାଇଥିବା ବେଳେ ସମଗ୍ର ଭାରତରେ ୧୫୦-୨୦୦ ମୂଲ୍ୟାୟନରେ ରହିଛି। ସେହିପରି ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କି ୨୦୨୬ରେ ୧୧୦୧-୧୨୦୦ରେ ରହିଛି। ଯାହାକୁ ନେଇ ଅନେକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ଯେଉଁ ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେଉଛି ଅଧିକ ଗବେଷଣା ପତ୍ର ନାହିଁ, କମ୍ ନବସୃଜନ ଏବଂ ପ୍ରକାଶନ, ସୀମିତ ପରାମର୍ଶ କାର୍ଯ୍ୟ, ଛାତ୍ରୀଛାତ୍ରଙ୍କ ବିବିଧତାର ଅଭାବ ପୂରଣରେ ସୁଧାର ଆଣିଲେ ନାକ୍ ମୂଲ୍ୟାଙ୍କନ ଏ ଯୁକ୍ତରୁ ଅଧିକା ହୋଇପାରେ ବୋଲି କୁହାଯାଉଛି। ଅପରପକ୍ଷେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଗୋଟିଏ ବର୍ଷରେ ୨ଟା ସେମିଷ୍ଟାର ହେବାକୁ ଥିବାବେଳେ ଏବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମ ବର୍ଷ ଗୋଟିଏ ସେମିଷ୍ଟାର ଓ ପରବର୍ତ୍ତୀ ମାର୍ଚ୍ଚରେ ଅନ୍ୟ ସେମିଷ୍ଟାର କରାଯାଉଛି। ଯାହା ସହନ୍ଧିତ ସ୍ୱୟଂଶାସିତ କଲେଜଗୁଡ଼ିକ ନିଜସ୍ୱ ସିଲାବସ୍ ପ୍ରସ୍ତୁତ କରିବା ସହିତ ପରୀକ୍ଷା ବ୍ୟବସ୍ଥା ନିଜ ଅନୁସରଣରେ ହେଉଥିବାରୁ ସେମାନେ ଡିସେମ୍ବର ସୁଦ୍ଧା ୨ଟି ସିଲାବସ ଶେଷ କରାଉଛନ୍ତି। ଅନ୍ୟପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜ ପରୀକ୍ଷା ବେଳେ ସୁପରଭିଜନ ଦାୟିତ୍ୱ ବିଶ୍ୱବିଦ୍ୟାଳୟର ରହିଥାଏ। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉନ୍ନତ ନୋଡାଲ କଲେଜକୁ ଅନ୍ତର୍ଭୁକ୍ତ କରାଇ ପ୍ରଶିକ୍ଷାର୍ଥୀଙ୍କୁ ତଦାରଖ, ମାର୍ଗ ଦର୍ଶନ ଏବଂ ସମର୍ଥନ କରିବା ହେଲେ ମୂଲ୍ୟାୟନ ବଢ଼ିବା ସହ ସହବନ୍ଧିତ କଲେଜଗୁଡ଼ିକର ପୂର୍ବ ଗରିମା ଫେରିପାରନ୍ତା। ଏ ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ହୃଷୀକେଶ ନାୟକଙ୍କୁ ପଚାରିବାରେ ଘଟଣାକୁ ନେଇ କଲେଜ ଅଧ୍ୟକ୍ଷ ଯଦି ଲିଖିତ ଅଭିଯୋଗ କରିବେ ତେବେ ସମାଧାନର ବାଟ ବାହାରିବ ବୋଲି ସେ କହିଛନ୍ତି।

# ଗଣ୍ଡାକିଆ ରାସ୍ତା ନିର୍ମାଣରେ ଆର୍ଥିକ ଅନିୟମିତତା



ପିଚୁ ତରଳାଇ ଗଣ୍ଡାକିଆ ରାସ୍ତାରେ ପ୍ୟାଚ ପକାଯାଉଛି।

**କେନ୍ଦ୍ରାପଡ଼ା, ୨୨।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସହରର ସାଆନ୍ତସାହିଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ରାସ୍ତା ମରାମତି ଓ ନିର୍ମାଣ ଚାଲିଛି। ଏହି କାର୍ଯ୍ୟରେ ଆର୍ଥିକ ସହ ଅନ୍ୟ ଅନିୟମିତତା ଥିବା ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ରଶ୍ମିରଞ୍ଜନ ଚୌଧୁରୀ, ନିରଞ୍ଜନ ପରିଡା, ଜଗଦୀଶ ପତି, ସନ୍ତୋଷ କୁମାର ବେହେରା, ଫକିର ଚରଣ ଖଟୁଆ ପ୍ରମୁଖ କହିଛନ୍ତି, ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାଙ୍କ ପାଇଁ ଏହି ରାସ୍ତା ଆର୍ଥିକ ଲୁଟର ଶାଗ କିଆରି। ନିର୍ମାଣ କାର୍ଯ୍ୟ ଏତେ ନିମ୍ନମାନର ଯେ ମାତ୍ର ୬ ମାସ ମଧ୍ୟରେ ରାସ୍ତା ନଷ୍ଟ ହେଉଛି। ଫଳରେ ମନଇଚ୍ଛା ଟେଣ୍ଡର ସହ ମରାମତି କାର୍ଯ୍ୟ ପ୍ରତି ୬ ମାସରୁ ୨ ବର୍ଷ ମଧ୍ୟରେ ଅର୍ଥ ଖର୍ଚ୍ଚ ହେଉଛି। ୧୨ କିଲୋମିଟର ଦୀର୍ଘ ଏହି

## ସ୍ଥାନୀୟ ଅଞ୍ଚଳବାସୀଙ୍କ ଜିଲାପାଳଙ୍କୁ ଅଭିଯୋଗ

ରାସ୍ତାର ନିର୍ମାଣ ପାଇଁ ୨୦୨୩ ମସିହା ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୯ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ନିର୍ମାଣର ମାତ୍ର ୬ ମାସ ମଧ୍ୟରେ ଖାଲଖମା ଭର୍ତ୍ତି ହୋଇଗଲା। ଗତ ଗଜଲକ୍ଷ୍ମୀ ପୂଜା ସମୟରେ ଏହାର ମରାମତି କାର୍ଯ୍ୟ ହୋଇଥିଲା। ଏବେ ପୁଣି ଥରେ ରାସ୍ତା ମରାମତି ହେଉଛି। ୫ ବର୍ଷ ମଧ୍ୟରେ ସମସ୍ତ ମରାମତି ପାଇଁ ଠିକା ସଂସ୍ଥା ଚୁକ୍ତି କରିଥିବାବେଳେ ପୁନର୍ବାର ଟେଣ୍ଡର ହୋଇ ଏହାର ମରାମତି ଓ ଉନ୍ନତୀକରଣ କରାଯାଉଛି। ଏହି ରାସ୍ତା ପଟ୍ଟାମୁଣ୍ଡାଇ, ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ସହ ଅତିରିକ୍ତ ସଂଯୋଗୀ ରାସ୍ତା ଭାବେ ପରିଚିତ। ଏହାବ୍ୟତୀତ ନିକଟସ୍ଥ ଶତାଧିକ ଗ୍ରାମବାସୀ ପାଇଁ ଏହା ଉପଯୁକ୍ତ ରାସ୍ତା। ଏହାସତ୍ତ୍ୱେ ରାସ୍ତାର ସ୍ଥାୟିତ୍ୱ ପ୍ରତି ଗୁରୁତ୍ୱ ନ ଦେଇ ରାସ୍ତା ନିର୍ମାଣ ହେଉଛି। ନିମ୍ନମାନର ସାମଗ୍ରୀର ବ୍ୟବହାର ସହିତ ଏବେ ମରାମତି କାର୍ଯ୍ୟରେ ପିଚୁ ତରଳାଇବା ପାଇଁ ରାସ୍ତା କଡରେ ଚୁଲା ନିର୍ମାଣ କରି ପିଚୁ ଓ କାଠ ଦ୍ୱାରା ପିଚୁ ତରଳା ଯାଉଛି। ପିଚୁ ତରଳାଇବା ପାଇଁ ମେଶିନର ବ୍ୟବହାର କରାଯାଉ ନ ଥିବାରୁ ଏହାର ପରିବେଶ ଧୂଆଁମୟ ହୋଇ ଯାତ୍ରୀଙ୍କୁ ଅଣନିଃଶ୍ୱାସୀ କରୁଛି। ନିର୍ମାଣ କାର୍ଯ୍ୟରେ ବିଭାଗ ଅଥବା ଠିକା ସଂସ୍ଥା ପକ୍ଷରୁ ତଦାରଖ ପାଇଁ କୌଣସି ବୈଷୟିକ କୌଶଳଧାରୀ ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ଏ ନେଇ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସୁଫଳ ମିଳୁ ନ ଥିବାରୁ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି କାର୍ଯ୍ୟର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ରଘୁରାମ ଆର. ଆୟାର ପ୍ରତିଶ୍ରୁତି ଦେଇଥିବା ସେମାନେ ପ୍ରକାଶ କରିଛନ୍ତି।

# ଦିଲ୍ଲୀରେ ନାବାଳିକାଙ୍କୁ ବଳାତ୍କାର, ଯାଜପୁରର ଅଭିଯୁକ୍ତ ଗିରଫ

**ଯାଜପୁର/ବରୀ (ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୨।୩**

ସାଉଥ୍ ଦିଲ୍ଲୀସ୍ଥିତ ସଙ୍ଗମବିହାରରେ ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ହୋଇଥିବା ଅଭିଯୋଗ ଅନୁଯାୟୀ ଯାଜପୁର ଜିଲା ରାମଚନ୍ଦ୍ରପୁର ଥାନା ବାଲିବିଲି ପଞ୍ଚାୟତ କେକରଡା ଗ୍ରାମର ବିଜୟ ଜେନାଙ୍କୁ ସଙ୍ଗମବିହାର ଥାନା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ସମ୍ପର୍କରେ ସଙ୍ଗମବିହାର ଥାନାରେ ବିଏନ୍‌ଏସ୍ ଦଫା ୬୫(୨)/୩୫୧(୩) ଓ ପୋକ୍ସୋ(କେସ୍ ନମ୍ବର-୦୧୦୨/୨୦୨୬) ଅନୁଯାୟୀ ମାମଲା ରଜୁ ହୋଇଛି। ଅଭିଯୋଗ ଅନୁସାରେ ନାବାଳିକାଜଣକ ତାଙ୍କ ମା'ବାପାଙ୍କ ସହ ସଙ୍ଗମବିହାର ଅଞ୍ଚଳର ଏକ ଭଡ଼ା ଘରେ ରୁହନ୍ତି। ତାଙ୍କ ମା' କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ନାବାଳିକା ଘର ପାହାଚରେ ବସି ଖେଳୁଥିଲେ। ଏହି ସମୟରେ ଘର ମାଲିକଙ୍କ ଛୋଟ ଭାଇ ବିଜୟ ନାବାଳିକାଙ୍କୁ ତାଙ୍କ ରୁମ୍‌କୁ ଡାକି ନେଇଥିଲେ। ସେଠାରେ ନାବାଳିକାଙ୍କୁ ବଳାତ୍କାର କରିବା ସହ ଏ ସଂକ୍ରାନ୍ତରେ କାହାକୁ ବି ଜଣାଇଲେ ତାଙ୍କ ମା'ବାପାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ବଳାତ୍କାର ଦୃଶ୍ୟକୁ ଅଭିଯୁକ୍ତ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ଗତ ୧୯ ତାରିଖରେ ବଳାତ୍କାର ଘଟଣାର ଭିଡିଓ ନାବାଳିକାଙ୍କ ବାପାଙ୍କ ହାତରେ ପଡିଥିଲା। ଉକ୍ତ ଭିଡିଓ ସଂକ୍ରାନ୍ତରେ ନାବାଳିକାଙ୍କୁ ପଚାରିବାରୁ ସେ ସବୁ କଥା ବାପାଙ୍କ ଆଗରେ ଖୋଲି କହିଥିଲେ। ଏହାପରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ନାବାଳିକାଙ୍କ ଡାକ୍ତରୀ ମାଇନା ସାଙ୍ଗକୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ପେଣ୍ଠ ବୁଲିବାକୁ ଆସିଥିବା ୨ ପର୍ଯ୍ୟଟକ ଆହତ

**ରାଜନଗର,୨୨।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକର ପେଣ୍ଠ ବେଳାଭୂମିକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ୨ ଗୁରୁତର ପର୍ଯ୍ୟଟକଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରାଜକନିକା ବ୍ଲକ ଓଳାଭର ଓ ଆଳି ବ୍ଲକର ମାଳପାଟଣା ଗାଁରୁ ୬ ଜଣ ପର୍ଯ୍ୟଟକ ପେଣ୍ଠ ବେଳାଭୂମିକୁ ବୁଲିବାକୁ ଆସିଥିଲେ। ପେଣ୍ଠ ବେଳାଭୂମି ପୂର୍ବରୁ ପ୍ରସନ୍ନପୁର ନିକଟରେ ରାସ୍ତାରେ ବୁଲାଣି କାଟିବା ବେଳେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତ ପର୍ଯ୍ୟଟକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ୬ ଜଣକ ମଧ୍ୟରୁ ୪ ଜଣ ସୁସ୍ଥ ଥିବା ବେଳେ ମାଳପାଟଣାର ନିରାକାର ସାହୁ (୪୧) ଓ ଓଳାଭରର ଶ୍ରୀମୟ ସାହୁ (୧୫) ଗୁରୁତର ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାନସ



@ ପ୍ରୀତମ୍



@ ରାଧାକାନ୍ତ



@ ରାଜେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାହିତ୍ୟ ଏକ ସମୃଦ୍ଧ ଜାତିର ପରିଚୟ ସୃଷ୍ଟି କରେ

**କେନ୍ଦ୍ରାପଡା, ୨୨।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସର ମିଳିତ ସହଯୋଗରେ ୬ ତମ ଦୁଇଦିନିଆ କେନ୍ଦ୍ରାପଡା ସାହିତ୍ୟ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରିଛନ୍ତି। ମହାନ୍ତି ସାହିତ୍ୟ ଏକ ସମୃଦ୍ଧ ଜାତିର ପରିଚୟ ସୃଷ୍ଟି କରେ ବୋଲି ଆଲୋଚନା କରିଥିଲେ। ପ୍ରଥମ ଦିନରେ ୫ଟି ଅଧିବେଶନ ସହ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ସାହିତ୍ୟ କୁଇଜ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ତପନ ପତିଙ୍କ ସଂଯୋଜନାରେ ଜାତୀୟ ଐତିହ୍ୟର ବହୁଳ ପ୍ରସାର ଦ୍ୱାରା ଏହାର ବିକାଶରେ ବାଧକ

## କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ

ଶୀର୍ଷକରେ ଅନୀଲ ଧୀର, ଗୋଲକ ବିହାରୀ ସିଂହ, ହିମାଂଶୁ ବଳ ଆଲୋଚନା କରିଥିଲେ। ଡ. ବିରଜା ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଅଧିବେଶନରେ 'କୃତ୍ରିମ ବୁଦ୍ଧିମତା ଭବିଷ୍ୟତର ସମ୍ବାଦ ପରିବେଷଣରେ ମୌଳିକତାକୁ କ୍ଷୁର୍ଣ୍ଣ କରିବ କି' ଶୀର୍ଷକରେ ମୃଣାଳ ଚାଟାର୍ଜୀ, ସୁଦାମ ବନ୍ଧୁ ଭଞ୍ଜମିଶ୍ର ଓ ସାଇଦୀପ କର ଆଲୋଚନା କରିଥିଲେ। ସୁନନ୍ଦା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ସାମ୍ପ୍ରତିକ ସମୟର ବହୁଧା ଜଟିଳ ସଂଘାତର ରୂପାୟନରେ ଓଡ଼ିଆ ଗପ ସଫଳ ଅଟେ କି ଶୀର୍ଷକରେ ପ୍ରବିତ୍ର ପାଣିଗ୍ରାହୀ, ସୁରେଶ ଛୋଟରାୟ ଓ ଆଶିଷ ଗଡନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ ଦାଶଙ୍କ ସଂଯୋଜନାରେ ଆଲୋଚକ ପ୍ରମୋଦ ପ୍ରଧାନ, ଅମୀୟରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ନାୟକ ଓ ବନ୍ଦନା ମିଶ୍ର ବଡିମାର ବୋମାକୁ କବିତାର ଢ଼ାଲ, କେତେ ସତ କବିତା ନା ତୁଚ୍ଛା ଶବ୍ଦ ଜାଲ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷ ଅଧିବେଶନ ଶବ୍ଦ ସମ୍ମୋହନରେ ଭବାନୀ ମହାପାତ୍ର ଓ ଚାରୁଲତା ଭୂୟାଁଙ୍କ ସଂଯୋଜନାରେ କବି ମନ୍ମଥ ବଳ ଓ କବି ହେମନ୍ତ ରାଉତ କବିତା ପାଠ କରିଥିଲେ। ଏହି ସାହିତ୍ୟ ଉତ୍ସବକୁ ଇଂ ଅକ୍ଷୟ ପାଣି, ଚୌଧୁରୀ ଅମିତାଭ ଦାସ, କବି ନବଜ୍ୟୋତି ରାୟ, କେମ ସମ୍ପାଦକ ଜାହିଦ ଖାନ, ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଆଗାମୀ ଦିନରେ ଜୋରଦାର ହେବ ଲଢ଼େଇ: ମୋକିମ




ମହାମିଶ୍ରଣ ପର୍ବରେ ମହମ୍ମଦ ମୋକିମ୍‌ଙ୍କ ସହ ଅନ୍ୟମାନେ।

**ଧର୍ମଶାଳା/ଚଣ୍ଡିଖୋଲ/ବଡ଼ଚଣା/କାଏମା,୨୨।୩(ବଟକୃଷ୍ଣ ପରିଡ଼ା/ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି/ଶିବପ୍ରାସାଦ ମହାନ୍ତି):**

## ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମହାମିଶ୍ରଣ ପର୍ବ

ଯାଜପୁର ଜିଲା ହେଉଛି ମା' ବିରଜାଙ୍କ ମାଟି। ଏହିଠାରୁ ମହାଲଢ଼େଇ ଆରମ୍ଭ ହେବ। ଦୀର୍ଘ ୨୪ ବର୍ଷ ଧରି ଯେଉଁ ସରକାର ଥିଲା, ସେଥିରେ ଭାଜପା ୯ ବର୍ଷ ମିଶି ରହିଥିଲା। ଏବେ ଭାଜପା ୨ବର୍ଷ ହେଲା ସରକାରକୁ ଆସିଲାଣି। ହେଲେ କୌଣସି ସରକାର ସାଧାରଣ ଲୋକଙ୍କ ପାଇଁ କାମ କରିନାହାନ୍ତି। ଓଡ଼ିଶାରେ ୪୫ଭାଗ ଖଣି ଥିଲାବେଳେ ଆଖି ଦୃଶିଆ ଉନ୍ନତି ହୋଇପାରିନାହିଁ। ଶିକ୍ଷାରେ ଓଡ଼ିଶା ସବୁଠୁତଳେ ୨୪ତମ ସ୍ଥାନରେ ରହିଛି। ଆମର ହକ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଗଠନ କରାଯାଇଛି। ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ପାର୍ଟି ଲଢ଼େଇ କରିବ। ଯାଜପୁରବାସୀ ଆଜି ଯେଉଁ ସମର୍ଥନ ଦେଇଛନ୍ତି ତାହା ଆମକୁ ଆଗକୁ ବଢ଼ିବା ପାଇଁ ସାହସ ଯୋଗାଇଛି। ଓଡ଼ିଶାର ସମସ୍ତ ଜିଲାରେ ବିଶାଳ ସଭାକରାଯାଇ ମିଶ୍ରଣପର୍ବ ଅନୁଷ୍ଠିତ ହେବ। ନୂତନ କରି ଗଠନ କରାଯାଇଥିବା ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ସଭାପତି ମହମ୍ମଦ ମୋକିମ ଏକଥା କହିଛନ୍ତି।

ରବିବାର ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନ ପରିସରରେ ପାର୍ଟି ଜିଲାରେ ପ୍ରଥମ ସାଧାରଣ ସଭା କରି ବିଭିନ୍ନ ବ୍ଲକରୁ ଶତାଧିକ ଲୋକଙ୍କୁ ଆଣି ପାର୍ଟିରେ ମିଶାଇଛି। ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହାମିଶ୍ରଣ ପର୍ବରେ ବିଭିନ୍ନ ଦଳ ପରିତ୍ୟାଗ କରି ବହୁ କର୍ମୀ ମୋକିମଙ୍କ ଉକ୍ତ ପାର୍ଟିରେ ଯୋଗ ଦେଇଛନ୍ତି। ବଡ଼ଚଣା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପୂର୍ବତନ ଜିଲା ଓବିସି ସେଲ ଅଧ୍ୟକ୍ଷ ସଞ୍ଜୟ ରାୟ, ବିଜେଡି ସାଧାରଣ ସମ୍ପାଦକ ଦିଲୀପ ରାଉତ, ଭାଜପା ପରିତ୍ୟାଗ କରି ପ୍ରଦୀପ ଧଳ, ସୌମ୍ୟରଞ୍ଜନ ଜେନା, ଈଶ୍ୱର ସାମଲ, ରମେଶ ଚନ୍ଦ୍ର ଧଳ, ଭବଜିତ ନାୟକ, ସଜନା ସାଗରିକା ନାୟକ, ସଂଗ୍ରାମ କେଶରୀ ରାୟ, ଗୋବିନ୍ଦ ଚନ୍ଦ୍ର ସାମଲ, ବିଦ୍ୟାଧର ମହାନ୍ତି, ମନୋରଞ୍ଜନ ନାୟକ, ବିଜୟ ଦାସ, ସେକ ଅମିନୁଲା, ପ୍ରଶାନ୍ତ ସାହୁ, ଦୁର୍ଗା ପ୍ରସନ୍ନ ବାରିକ, ସେକ ଦିରୁଦ୍ଦିନ, ଭବାନୀ ଶଙ୍କର ଦେଓ, ସେକ ଇୟାହାର, ସେକ ଯାହିଦ ଅଲ୍ଲୀ ପ୍ରମୁଖ ପାର୍ଟିରେ ସାମିଲ ହେବା ସହିତ କଂଗ୍ରେସ, ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ବଡ଼ଚଣା, ଧର୍ମଶାଳା, ବରୀ, ଯାଜପୁର, ସୁକିନ୍ଦା, ବିଞ୍ଝାରପୁର ଓ କୋରେଇ ନିର୍ବାଚନମଣ୍ଡଳୀରୁ ଶତାଧିକ ଲୋକ ପାର୍ଟି ସହ ଯୋଡ଼ି ହୋଇଛନ୍ତି।

# ବେଆଇନ ଖଣି ଖନନ, ଚାଲାଣକୁ ନାହିଁ କାର୍ଯ୍ୟାନୁଷ୍ଠାନ

ନୟାଗଡ଼,୨୨।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ୩୩୫ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡା ଖଣି ଥିବାର ଅଭିଯୋଗ ହୋଇ ଆସୁଥିବାବେଳେ ଏଥିରୁ କେବଳ ୨୧୦ରୁ ଊର୍ଦ୍ଧ୍ୱ ଖଣି ରଣପୁର ଏବଂ ଓଡଗାଁ ତହସିଲ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ କୋମଣ୍ଡ, ରୋହିବାଙ୍କ ଅଞ୍ଚଳରେ ଓ ଜିଲାର ବିଭିନ୍ନ ସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ରହିଥିବା କୁହାଯାଉଛି। ରଣପୁର ତହସିଲର ଯେଉଁଆଡେ ଆଖି ବୁଲାଇ ଆଣିବ ଚତୁଃପାର୍ଶ୍ୱରେ ମାଲମାଲ ମାଙ୍କଡା ଖଣି ଚାଲିଥିବା ଦେଖିବାକୁ ମିଳିବ।

ତହସିଲର ପଟିଆ, ଜଙ୍କିଆ, ଓସ୍ତପଡା, ମୟୁରଝାଲିଆ, ଏକତାଳ, କଟକ ସହର, କନ୍ଧ ନୟାଗଡ଼, ବେଷ୍ଟ, ଚମ୍ପାଗଡ, ରାଇପଡା, କେରେଣ୍ଡାଟାଙ୍ଗି, ଚାନ୍ଦପୁର, ଚମ୍ପାପେଡି, ଝାରପଡା, କାଞ୍ଚନପୁର, ବାରଙ୍ଗଗାଡିଆ ଓ ବୋକାଖାଇ ଅଞ୍ଚଳରେ ମାଙ୍କଡା ଖଣି ଖନନ ଓ ଚାଲାଣ ହେଉଛି। ବେଆଇନ ଖଣି ନେଇ ଅଭିଯୋଗ କଲେ ସୁଫଳ ମିଳୁନି। ମାଫିଆମାନେ ସରକାରୀ ଅନୁମତି ନେଇ ନ ଥିଲେ ମଧ୍ୟ କେତେକ ସ୍ଥାନରେ ନକଲି କାଗଜାତ ଦେଖାଇ ଅନୁମତି ପତ୍ର ଦେଖାଉଥିବା ଅଧିକାଂଶ ସ୍ଥାନରେ କହୁଛନ୍ତି। ସେପଟେ ଲୋକଙ୍କ ଅଭିଯୋଗ ଶୀତଳଭଣ୍ଡାରରେ ରହି ଯାଉଛି। ବେଆଇନ ଖଣି ଖନନ ଓ ଚାଲାଣ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଜିଲାର ଖଣି ବିଭାଗ ସନ୍ଦେହ ଘେରକୁ ଆସିଛି। ବେଆଇନ ଖଣି ଖନନ ଓ ଚାଲାଣ ନେଇ ରଣପୁର ଅଞ୍ଚଳର ଦିଲ୍ଲୀପ ସାମନ୍ତରା, ସୁଦାମ ନାୟକ, ବସନ୍ତ ପ୍ରଧାନ ଓ ଗରିଧାରୀ ସାହୁ ପ୍ରମୁଖ କୁହନ୍ତି, ରଣପୁର ତହସିଲ ଅଞ୍ଚଳରେ ବେଆଇନ ମାଙ୍କଡା ଖଣି ଅବାଧରେ ଚାଲିଛି। ପୁଣି ମାଙ୍କଡାପଥର ଚାଲାଣ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳକୁ ଶହ ଶହ ଟ୍ରକ ଯାତାୟାତ କରୁଛି। ଏଥି ଯୋଗୁ ସରକାର ରାଜସ୍ୱ ହରାଉଥିଲେ ମଧ୍ୟ ସରକାରୀସ୍ତରରେ କାର୍ଯ୍ୟାନୁଷ୍ଠାନ ନାହିଁ। ସେପଟେ ବେଆଇନ ଖଣି ଖନନ ଓ ଚାଲାଣକୁ ରାଜନୈତିକ ଓ ପ୍ରଶାସନିକ ସହଯୋଗ ମିଳୁଥିବାରୁ ଅଭିଯୋଗ କଲେ ସୁଫଳ ମିଳୁନି। ଗତ ସରକାର ସମୟରେ ଯେପରି ଖଣି ଖନନ ଓ ଚାଲାଣ ଚାଲିଥିଲା ଏବେବି ସେପରି ବେଆଇନ ଖଣି ଖନନ ଓ ଚାଲାଣ ଚାଲିଛି। ବେଆଇନ ମାଙ୍କଡା ଖଣି ଖନନ ହେଉଥିଲେ ମଧ୍ୟ ଲୋକଟିଏ ଘର କଲେ ସେ ଶସ୍ତାରେ ପଥର ପାଉନି। ପଥର ଖଣ୍ଡିଏ କିଣିବାକୁ ୭୦ ରୁ ୧୧୦ ଟଙ୍କା ଦୂରତ୍ୱ ଅନୁସାରେ ପଡୁଛି। ପ୍ରତ୍ୟହ ଶହ ଶହ ଟ୍ରକ୍ ମାଙ୍କଡା ପଥର ଚାଲାଣ ହେଉଥିଲେ ମଧ୍ୟ ହାତଗଣତି କେତେକ ଟ୍ରକ୍ ଜବତ କରାଯାଇ ଟାର୍ଗେଟ ପୂରଣ ହେଉଛି। ପୁଣି ଖଣି ଉପରେ ଚଢ଼ାଉ ଲୋକ ଦେଖାଣିଆ।

ରଣପୁର ତହସିଲକୁ ନୟାଗଡ଼ ଜିଲାପାଳ, ବାଚସ୍ପତି, ଜିଲା ପରିଷଦ ଚେୟାରମ୍ୟାନ ଦୃଷ୍ଟି ଦେବା ପାଇଁ ଦାବି ହୋଇ ଆସୁଛି। ଓଡଗାଁ ତହସିଲ ଅଞ୍ଚଳର କୃପାସିନ୍ଧୁ ନାୟକ, ଦିଲ୍ଲୀପ ସାହୁ ଓ ଶଙ୍କର ସ୍ୱାଇଁ କୁହନ୍ତି, କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ମାଙ୍କଡାପଥର ଖଣି ଚାଲିବା ପାଇଁ ରଣପୁର ଅଞ୍ଚଳର ଜଣେ ଶାସକ ଦଳର ନେତା ମାସିକ ୭ ଲକ୍ଷ ଟଙ୍କା ହାତଗୁଞ୍ଜା ନେଇ ବେଆଇନ ଖଣି ଖନନକୁ ପ୍ରୋତ୍ସାହନ ଦେଉଥିବା ଚର୍ଚ୍ଚା ହେଉଛି। ସେପଟେ ଉଭୟ ଅଞ୍ଚଳର ଖଣି ଖନନ ଓ ଚାଲାଣ ପାଇଁ ବିଭିନ୍ନ ସମୟରେ ମାରପିଟ୍, ହଣାହଣି, ଉତ୍ତେଜନା ହେଉଥିଲେ ମଧ୍ୟ ସୁଫଳ ମିଳୁନି। ଏପରିକି ଜଣେ ତହସିଲଦାରଙ୍କ ବଦଳି ଓ ଆରଆଇ ନିଲମ୍ବିତ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ନାହିଁ। ଖଣି ଖନନ ବିଭାଗକୁ ଯିବା ପରେ ବେଆଇନ ଖଣି ସଂଖ୍ୟା ବଢ଼ିବାରେ ଲାଗିଛି ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ।


ଚାଲାଣ ପାଇଁ ତଡା ଯାଇଥିବା ମାଙ୍କଡା ପଥର ।

- ଜିଲାରେ ୩୩୫ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡା ଖଣି
- ରଣପୁରରେ ୨୧୦, ଓଡଗାଁରେ ୧୦୦ରୁ ଊର୍ଦ୍ଧ୍ୱ ଖଣି
- ଖଣି ବିଭାଗର କାର୍ଯ୍ୟ ସନ୍ଦେହ ଘେରରେ

### କେବଳ କୃଷ୍ଣଚନ୍ଦ୍ରପୁର ମାଙ୍କଡ଼ା ଖଣି ସ୍ୱୀକୃତିପ୍ରାପ୍ତ

ନୟାଗଡ଼ ଜିଲା ରଣପୁର ତହସିଲ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁରର ଅରୁଣ ପାତ୍ରଙ୍କର ମାଙ୍କଡା ପଥର ଖଣି କେବଳ ଅନୁମତିପ୍ରାପ୍ତ ବୋଲି ଜିଲା ଖଣି ବିଭାଗ ପକ୍ଷରୁ ଜଣାପଡିଛି। ଅପରପକ୍ଷେ ବିଭାଗକୁ ଆରଟିଆଇରେ ତଥ୍ୟ ମାଗିବା ପରେ ମଧ୍ୟ ଲିଖିତ ଭାବେ ଅରୁଣ ପାତ୍ରଙ୍କ ଖଣି ସରକାରୀ ସ୍ୱୀକୃତିପ୍ରାପ୍ତ ବୋଲି ସୂଚନା ମିଳିଛି। ୨୦୨୬ ମାର୍ଚ୍ଚରେ କୃଷ୍ଣଚନ୍ଦ୍ରପୁର ଖଣି ମିଆଦ ଶେଷ ହେବ ବୋଲି ଜଣାପଡିଛି। ମାଙ୍କଡାପଥର ଖଣି ଅନୁମତି ପାଇବାକୁ ହେଲେ ପରିବେଶ ମଞ୍ଜୁରୀ ପାଇଁ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ଭୁବନେଶ୍ୱରଙ୍କ ପାଖରେ ଅନୁମତି ପାଇଁ ଆବେଦନ କରିବାକୁ ପଡିବ। ପରିବେଶ ମଞ୍ଜୁରୀ ଆଣିଲା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଆବେଦନ କଲେ ଖଣି ଖନନ କରିବାକୁ ଅନମୁତି ମିଳିଥାଏ। ତେବେ ଜିଲାରେ ୩୩୫ରୁ ଊର୍ଦ୍ଧ୍ୱ ମାଙ୍କଡା ଖଣି ବେଆଇନ ଭାବେ ଚାଲିଥିବା ବେଳେ ପ୍ରଶାସନ ଓ ଜିଲା ଖଣି ବିଭାଗ ପକ୍ଷରୁ ସଚେତନତା କିମ୍ବା ଚଢ଼ାଉ କରାଯାଉନି। ଲୋକେ କାହିଁକି ଅଧିକ ଦରରେ ମାଙ୍କଡା ପଥର କିଣିବେ ସେ ନେଇ ପ୍ରଶାସନିକସ୍ତରରେ ମଧ୍ୟ ପଦକ୍ଷେପ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇ ଆସୁଛି। ମାଙ୍କଡା ପଥର ବେଆଇନ ଖଣି ଖନନ ଓ ଚାଲାଣକୁ ନେଇ ଜିଲା ଖଣି ଅଧିକାରୀଙ୍କ ୯୫୫୬୦୪୦୧୩୫ ନମ୍ବରକୁ ଯୋଗାଯୋଗ କଲେ ଫୋନ ଉଠାଇ ନ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମାନସ


@ ପ୍ରିତମ୍


@ ରାଧାକାନ୍ତ


@ ରାଜେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରଘୁନାଥ ମନ୍ଦିର ସଫେଇ

ନୟାଗଡ଼, ୨୨।୩(ଲୋକନାଥ ମିଶ୍ର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ଗାଁ ନଗର ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଶ୍ରୀରାମ ନବମୀ ଯାତ୍ରା ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଶ୍ରୀରଘୁନାଥ ମନ୍ଦିରର ସିଂହଦ୍ୱାର ଏବଂ ବ୍ୟାଘ୍ର ଦ୍ୱାର ସଫେଇ କରାଯିବା ସହ ମନ୍ଦିର ବେଢ଼ାର ମଧ୍ୟ ସଫେଇ ହୋଇଛି। ନଗର ସମ୍ପାଦକ ଦେବବ୍ରତ ମହାପାତ୍ର ଏବଂ ସଫେଇ କାର୍ଯ୍ୟ ପ୍ରମୁଖ ଓମ୍ ପ୍ରକାଶ ଜେନାଙ୍କ ନେତୃତ୍ୱରେ ଓଡ଼ଗାଁ ନଗର ବିଦ୍ୟାର୍ଥୀ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ସଫେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି ବୋଲି ନଗର ସମ୍ପାଦକ ସୂଚନା ଦେଇଛନ୍ତି।

## ପୁସ୍ତକ ହେଉଛି ଛାତ୍ରୀଛାତ୍ରଙ୍କ ବଡ଼ବନ୍ଧୁ: ବାଚସ୍ପତି


ଜଣେ କୃତୀ ଛାତ୍ରଙ୍କୁ ବାଚସ୍ପତି ସୁରମା ପାଢୀ ପୁରସ୍କୃତ କରୁଛନ୍ତି ।

ଶରଣକୁଳ, ୨୨।୩ (ଦୀପକ କର)

### ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨ୟ ବାର୍ଷିକ ଉତ୍ସବ

ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଶରଣକୁଳର ୨ୟ ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତ୍ରିନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀଙ୍କ ବ୍ୟତୀତ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସାମାଜିକ କର୍ମୀ ଲିଙ୍ଗରାଜ ପାତ୍ର ଓ ଜ୍ୟୋତିର୍ମୟ ମହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବାଚସ୍ପତି ତାଙ୍କ ବକ୍ତବ୍ୟରେ ପୁସ୍ତକ ହେଉଛି ବଡ ବନ୍ଧୁ ବୋଲି କହିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରି ଶିଶୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦାୟକ ଉପଦେଶ ଦେବା ସହ ମେଧାବୀ ଛାତ୍ରୀଛାତ୍ର ସୋନାଲି ଶୁଚିସ୍ମିତା, ରତିକାନ୍ତ ପଣ୍ଡା, ଶ୍ରେଷ୍ଠ ଖେଳାଳି ସୁଧାଂଶୁ ଶେଖରଙ୍କ ସମେତ ବହୁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀଙ୍କୁ ଉଚ୍ଚକୋଟିର କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଗୋଦାବରୀ ବସନ୍ତିଆ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଉଚ୍ଚକୋଟିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବରୁଣେଇ ସମରସ୍ମାଶ କ୍ରିକେଟ ଟୁର୍ନାମେଣ୍ଟ: ମା’ ବରୁଣେଇ ବିଜୟୀ


ଅତିଥିଙ୍କ ସହ ଖେଳାଳି।

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ବରୁଣେଇ ସମରସ୍ମାଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାର ଅୟୋଜିତ ପ୍ରଥମ ବାର୍ଷିକ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚରେ ମା’ ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ ୨୭ ରନରେ ବଡବାଣପୁର କ୍ରିକେଟ ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରବିବାର ମା’ ବରୁଣେଇ ଦଳ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ବଡବାଣପୁର ଟିମ୍ ୧୫ ଓଭରରେ ୬ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ପରାଜିତ ହୋଇଛି। ବିଜୟୀ ବରୁଣେଇ ଦଳର କୁନା ମଲ୍ଲିକ ୨୫ ବଲରେ ୫୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଖେଳକୁ ରାଜେନ୍ଦ୍ର ଦଳେଇ ଓ ସୁରଜ ମହାରଣା ପରିଚାଳନା କରିଥିଲେ। ଶୁଭମ ଦାସ ଧାରା ବିବରଣୀ ଦେଇଥିବା ବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ବଣ୍ଟି ବେହେରା କାର୍ଯ୍ୟ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଓ ନୀଳମାଧବ ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଫାଇନାଲରେ ଗୋଲାବୋଦସା କ୍ରିକେଟ କ୍ଲବ ସହ ମା’ ବରୁଣେଇ କ୍ରିକେଟ କ୍ଲବର ମୁକାବିଲା ହେବ ବୋଲି ଆୟୋଜକ ଦିବେଶ କୁମାର ବେହେରା ସୂଚନା ଦେଇଛନ୍ତି।

## ଗୀତା ମହାଯଜ୍ଞ ନିମନ୍ତେ ଦେବ ନିମନ୍ତ୍ରଣ

ଖଣ୍ଡପଡା,୨୨।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ଗ୍ରାମରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ୨୬ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ ସିଧାମୂଳା ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପାରମ୍ପରିକ କାର୍ଯ୍ୟ ନିମନ୍ତେ ବ୍ରାହ୍ମଣ ସମାଜ ପକ୍ଷରୁ ଅନୁଷ୍ଠାନ ସଭାପତି ଗଙ୍ଗାଧର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବ୍ରାହ୍ମଣ ପଣ୍ଡିତମାନେ ଏକତ୍ରିତ ହୋଇ ସ୍ଥାନୀୟ ଅଞ୍ଚଳରେ ବିରାଜିତ ଜଗନ୍ନାଥ ଦେବ, ନୀଳକଣ୍ଠେଶ୍ୱର ମହାଦେବ ଓ ମା’ ରାମଚଣ୍ଡୀ ଦେବୀଙ୍କୁ ପୂଜାର୍ଚ୍ଚନା ସହ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିବା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।



## ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ହେଲେ ସତ୍ୟେନ୍ଦୁ

ନୟାଗଡ଼,୨୨।୩(ଲୋକନାଥ ମିଶ୍ର)


ସତ୍ୟେନ୍ଦୁ ଶେଖର ମିଶ୍ର

ନୟାଗଡ଼ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଭାବେ ସତ୍ୟେନ୍ଦୁ ଶେଖର ମିଶ୍ର ନିଯୁକ୍ତି ପାଇଛନ୍ତି। ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଶ ପଣ୍ଡାଙ୍କ ଦ୍ୱାରା ଘୋଷିତ ନୂତନ ଟିମ୍‌ରେ ସତ୍ୟେନ୍ଦୁଙ୍କ ନାଁ ରହିଛି। ସତ୍ୟେନ୍ଦୁ ୨୦୦୮ ରେ ନୟାଗଡ଼ ଜୁନିଅର କଲେଜରେ ଯୁକ୍ତ ୨ ବାଣିଜ୍ୟ ପଢ଼ିବା ସମୟରୁ ଛାତ୍ର ରାଜନୀତିରେ ରହି ଆସିଛନ୍ତି। ପରେ ଯୁକ୍ତ ୩ ପଢ଼ିବାବେଳେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଛାତ୍ର ନେତା ଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ବାଣୀବିହାରରେ ସାମ୍ବାଦିକତାରେ ସ୍ନାତକୋତ୍ତର ବେଳେ ଅଖିଳ ଭାରତୀୟ ଯୁବ ଫେଡରେଶନ ସହ ଯୋଡି ହୋଇଥିଲେ। ଯୁବ ମୋର୍ଚ୍ଚା ଜିଲା ସଭାପତି ହେବା ପରେ ସଙ୍ଗଠନ ପ୍ରତି ଅଧିକ ଗୁରୁତ୍ୱ ଦେବେ ଓ ଭାଜପାର ବିଚାରଧାରାକୁ ଘରେ ଘରେ ପହଞ୍ଚାଇବେ ବୋଲି କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ଶିକ୍ଷାଭିତ୍ତିକ ଭ୍ରମଣ


ଭ୍ରମଣରେ ଯାଇଥିବା ଛାତ୍ରୀଛାତ୍ର।

ନୟାଗଡ଼,୨୨।୩(ଲୋକନାଥ ମିଶ୍ର)

ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପିଏମ୍ ଶ୍ରୀ ବିଦ୍ୟାଳୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହେବା ପରେ ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶିକ୍ଷାଭିତ୍ତିକ ଭ୍ରମଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୨୦ ଛାତ୍ରୀଛାତ୍ର ଭ୍ରମଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରହାଳୟ, ପଠାଣି ସାମନ୍ତ ପ୍ଲାନେଟୋରିଅମ ଏବଂ ବିଜ୍ଞାନ ପାର୍କ ଆଦି ବୁଲି ଦେଖିବା ସହିତ ତତ୍‌ସଂକ୍ରାନ୍ତୀୟ ଜ୍ଞାନ ଆହରଣ କରିଛନ୍ତି। ଭ୍ରମଣ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ, ଜ୍ୟୋତିର୍ମୟୀ ରଥ, ଉମାକାନ୍ତ ମିଶ୍ର, ଲକ୍ଷ୍ମୀଧର ସାହୁ,ରୋଜାଲିନ ମିଶ୍ର,ସୁନୀତା ନାୟକ, ଅନସୂୟା ମିଶ୍ର, ଇଲାଚା ମାଝୀ, ମାନସ ସାହୁ,ରାଜକିଶୋର ଟୁଡୁ, ଅଶୋକ ମିଶ୍ର, ସ୍ମିତା ମଲ୍ଲିକ, ଉଷାରାଣୀ ପ୍ରଧାନ, ମନଜିତ ଜେନା ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସ୍କୁଟି ଚୋରି ଘଟଣାରେ ୨ ଗିରଫ

ନୂଆଗାଁ,୨୨।୩(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରୁ ଗତ ଜାନୁୟାରୀରେ ଚୋରୀ ହୋଇଥିବା ଏକ ସ୍କୁଟିକୁ ନୂଆଗାଁ ପୋଲିସ ଖୋଜି ପାଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଛି। ଦଶପଲ୍ଲା ଥାନା ଅନ୍ତର୍ଗତ ଗିରଫ ଦ୍ୱୟ ହେଲେ କଇଁଆଡିହ ଗ୍ରାମର ଅକ୍ଷୟ ନାୟକ ଏବଂ ଜଗା ନାୟକ।

ସୂଚନା ଅନୁଯାୟୀ, ନୂଆଗାଁ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗଦାଧରପୁରର ସଞ୍ଜୟ କୁମାର ରାଉତ ଜାନୁଆରୀ ୧୧ ରାତି ପ୍ରାୟ ୨ଟାରେ ଢ଼ାବା ବନ୍ଦକରି ସ୍କୁଟି ଯୋଗେ ଘରକୁ ଆସିଥିଲେ। ଘର ଭିତରକୁ ଯାଇ ପୁଣି ଫାର୍ମ ହାଉସକୁ ଯିବା ପାଇଁ ୧୦ ମିନିଟ ମଧ୍ୟରେ ବାହାରକୁ ଆସି ଦେଖନ୍ତି ସ୍କୁଟିଟି ନାହିଁ। ପରେ ସିସିଟିଭିରେ ଚୋରମାନଙ୍କ ଗତିବିଧି ଦେଖି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ।

## ରାମଚଣ୍ଡୀପ୍ରସାଦ-କୋଦୁଆପଲ୍ଲୀ ରାସ୍ତା ନିର୍ମାଣରେ ବିଳମ୍ବ

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)


ନଷ୍ଟ ହୋଇଯାଇଥିବା ରାସ୍ତା।

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ କଣ୍ଟିଲୋ- ଖଣ୍ଡପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର କୁଆଁରିଆ ସେତୁ ନିକଟ ରାମଚଣ୍ଡୀପ୍ରସାଦ ଗ୍ରାମଠାରୁ ସରପୋଖରୀ, ରାକେଶିଆ ଓ ମଙ୍ଗଳପୁର ଗ୍ରାମ ଦେଇ କୋଦୁଆପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଗତ ୫ ମାସ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ଉକ୍ତ ରାସ୍ତା ପିଚୁ ହେବା ଲକ୍ଷ୍ୟରେ ଖୋଳାଯାଇ ମେଟାଲ ବିଛା କାର୍ଯ୍ୟ ଶେଷ କରାଯାଇ ଡଷ୍ଟ ବିଛାଯାଇଥିଲା। ମାତ୍ର ଦୀର୍ଘ ମାସ ପରେ ମଧ୍ୟ କାର୍ଯ୍ୟଟି ସମ୍ପନ୍ନ ହୋଇ ନ ଥିବାରୁ ସମ୍ପ୍ରତି ରାସ୍ତାରେ ବିଛାଯାଇ ଥିବା ମେଟାଲ, ଡଷ୍ଟ ସବୁ ଯାନବାହନ ଚଳାଚଳ ଯୋଗୁ ଏଣେ ତେଣେ ବିଛାଡି ଏବେ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇପଡିଲାଣି। ପ୍ରତ୍ୟେହ ଉକ୍ତ ରାସ୍ତା ଦେଇ ଶତାଧିକ ଛାତ୍ରୀ ଛାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଭିନ୍ନ ଯାନବାହନ ତଥା ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ଉକ୍ତ ରାସ୍ତାକୁ ପିଚୁ କରିବାରେ ବିଳମ୍ବ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ଏବେ ସରପୋଖରୀ, ରାକେଶିଆ, କୁଞ୍ଜବେଲ୍ଲୀ, ମଙ୍ଗଳପୁର ସମେତ ପାଖାପାଖି ଗ୍ରାମବାସିନ୍ଦା ଏ ନେଇ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିବା ସମ୍ପୃକ୍ତ ଗ୍ରାମର ବିଦ୍ୟାଧର ରାଉତ, ଈଶ୍ୱର ସେଠୀ, ପୀତବାସ ପରିଡା ଓ କହ୍ନେଇ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜ କିଶୋର ନାୟକଙ୍କ ସହ ଯୋଗାଯୋଗ କରିବାରେ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ହେଉଥିବା ଏହି କାର୍ଯ୍ୟ ନିମନ୍ତେ ସେଣ୍ଟ୍ରାଲ ସ୍କିମ୍ ଅନୁସାରେ ନୂତନ ବୈଷୟିକ ଜ୍ଞାନ ଶୈଳୀ ମାଧ୍ୟମରେ ପ୍ରଥମ କରି କାର୍ଯ୍ୟ ହେବା ବ୍ୟବସ୍ଥା ହେଉଛି। ତେଣୁ ଏହି ଯୋଜନା ହସ୍ତଗତ ହେବାରେ ବିଳମ୍ବ ଯୋଗୁ ସମ୍ପୃକ୍ତ ଠିକାଦାର କାର୍ଯ୍ୟ କରିବାରେ ବାଧକ ସାଜିଥିଲା। ତେବେ ବିଧି ବ୍ୟବସ୍ଥା କ୍ରମେ ଆସନ୍ତା ୩ / ୪ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାହେବ ବୋଲି ନାୟକ ସୂଚନା ଦେଇଛନ୍ତି।

